

ଯେଉଁ ଲୋକ କେବେ ରାଗେ ନାହିଁ, ସେ ଅନ୍ୟକୁ ଆଦେଶ ଦେବାର ଅଧିକାରୀ ହୋଇଥାଏ।
- ସେଣ୍ଟ୍ ଜନ୍ ପଲ୍



## ସଂକ୍ଷେପରେ

### ନବନିର୍ମାଣ କୃଷକ ସଂଗଠନ ସଦସ୍ୟ ଥାନାରେ ଅଟକ

**ବିରଜାକ୍ଷେତ୍ର, ୨୯।୧୦(ଡି.ଏନ୍.ଏ.):** ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ନବ ନିର୍ମାଣ କୃଷକ ସଂଗଠନର ଆନ୍ଦୋଳନରେ ଯୋଗଦେବା ପାଇଁ ଯାଉଥିବା ୧୧୮ ଜଣ ସଦସ୍ୟଙ୍କୁ ସୋମବାର ଯାଜପୁର ଓ ସଦର ଥାନା ପୋଲିସ ପକ୍ଷରୁ ଥାନାରେ ଅଟକ ରଖି ପରେ ଛାଡ଼ି ଦିଆଯାଇଥିବା ଜଣାପଡିଛି। ଯାଜପୁର ଟାଉନ ଥାନା ପକ୍ଷରୁ ୫୭ ଜଣ ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟଙ୍କୁ ଅଟକ ରଖାଯାଇଥିବାବେଳେ ସଦର ଥାନା ପକ୍ଷରୁ ୬୧ଜଣଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଭୁବନେଶ୍ୱରରେ ହେବାକୁଥିବା ଆନ୍ଦୋଳନରେ ଯୋଗଦେବା ପାଇଁ ବାରବାଟୀଠାରୁ ୨୦ହଜାର ଚାଷୀ ସାମିଲ ହେବା ପାଇଁ ସଂଗଠନ ପକ୍ଷରୁ ପୂର୍ବରୁ ପ୍ରସ୍ତୁତ କରାଯାଇଥିଲା। ଯାଜପୁର ପୁଲିସ ଏନ୍‌ସି କଲେଜ ନିକଟରେ ସଂଗଠନର ସଦସ୍ୟଙ୍କୁ ଅଟକାଇ ଥାନାକୁ ଆଣିଥିଲା। ସେହିପରି ସଦର ଥାନା ପକ୍ଷରୁ ଗଜିପାଢ଼ୀ ଛକ ନିକଟରୁ ସଂଗଠନର ସଦସ୍ୟମାନଙ୍କୁ ଅଟକାଯାଇ ଥାନାକୁ ଅଣାଯାଇଥିଲା। ରବିବାରଠାରୁ ଜିଲାର ବିଭିନ୍ନ ସ୍ଥାନରେ ନବନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ଅଟକାଇବା ପାଇଁ ପୋଲିସ ପ୍ରସ୍ତୁତ ଥିବା ଦେଖିବାକୁ ମିଳିଥିଲା।

### ପୃଥକ୍ ସ୍ଥାନରେ ଦୁର୍ଘଟଣା, ୫ ଗୁରୁତର

**ରସୁଲପୁର,୨୯।୧୦(ଡିଏନଏ):** ରସୁଲପୁର ବ୍ଲକ ଅଞ୍ଚଳର ପୃଥକ ପୃଥକ ସ୍ଥାନରେ ସୋମବାର ଦୁର୍ଘଟଣା ଘଟି ୫ଜଣ ଗୁରୁତର ହୋଇଛନ୍ତି। ଆହତଙ୍କୁ ମଧୁବନ ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ସକାଳ ସାଢେ଼୧୦ଟା ସମୟରେ ବାରବାଟୀ ସିଂହାପୁର ରାସ୍ତାର ଜଗନ୍ନାଥପୁର ଗାଁ ନିକଟରେ ବାଇକ ଧକ୍କାରେ ମନୋଜ ସାମଲ(୨୮) ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମନୋଜଙ୍କ ଘର ଧର୍ମଶାଳା ଥାନା ଅନ୍ତର୍ଗତ ଭୂବନ ଅଞ୍ଚଳରେ ବୋଲି ଜଣାପଡିଛି। ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନରେ ବାରବାଟୀ ଛକ ଉପରେ ଏକ ଦୁର୍ଘଟଣା ଘଟିଥିଲା। ଜାତୀୟ ରାଜପଥ ୧୬ନଂରେ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ମହେନ୍ଦ୍ର ତ୍ରିପାଠୀ(୬୦) ଏକ ବାଇକ୍ (ନଂ-ଓଡି-୦୫ବି-୩୯୩୬ରେ)ରେ ଦ୍ରୁତଗତିରେ ଆସୁଥିବା ବେଳେ ଆନ୍ଦୋଳନରତ ଚାଷୀଙ୍କୁ ଧକ୍କା ଦେଇଥିଲା। ଫଳରେ ଦୁର୍ଘଟଣାସ୍ଥଳରେ ପାଣିକୋଇଲି ଥାନା ଅନ୍ତର୍ଗତ ଓଟିନ୍ଦା ଗ୍ରାମର ଚାଷୀ ହୃଷିକେଶ ସାହୁ(୫୫) ଗୁରୁତର ହୋଇଥିଲେ। ବାଇକ୍ ଧକ୍କାରେ ଚାଷୀଙ୍କ ଗୋଡ ଭାଙ୍ଗିଯାଇଛି। ଚାଷୀଙ୍କୁ ପୋଲିସ ଭ୍ୟାନରେ ଧର୍ମଶାଳା ଡାକ୍ତରଖାନାକୁ ନିଆଯାଇଥିଲା। ସେହିପରି ଅପରାହ୍ନରେ କୁଆଖିଆ-ଜେନାପୁର ରାସ୍ତାର ବଡକଇଁଚି ପଞ୍ଚାୟତ ଗରୁଆଳ ଛକ ନିକଟରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଉଭୟ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଆହତମାନେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ଧନେଶ୍ୱର ବାରିକ(୨୫) ଓ ରାହାମ୍ଭା ପଞ୍ଚାୟତ ପୋଡପୋଡା ଗ୍ରାମର ଦେବେନ୍ଦ୍ର ଜେନା(୪୨) ବୋଲି ଜଣାପଡିଛି। ଆହତକ ଦ୍ୱୟଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

## ■ କୁଆଖିଆରୁ ଭୁବନେଶ୍ୱର ଅଭିମୁଖେ ବାହାରିଲେ ଚାଷୀ

# ପଦଯାତ୍ରା ଭଣ୍ଡୁର କରିବାକୁ ପୋଲିସର ପ୍ରୟାସ

**ରସୁଲପୁର,୨୯।୧୦(ଡିଏନଏ)**

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ରସୁଲପୁର ବ୍ଲକର କୁଆଖିଆ ବଜାରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା ପୂର୍ବ ପ୍ରସ୍ତୁତି କ୍ରମେ ସୋମବାର ଆରମ୍ଭ ହୋଇଛି। ଏଥିପାଇଁ ଦୀର୍ଘଦିନ ତଳୁ କୃଷକ ସଂଗଠନ ପକ୍ଷରୁ ନକ୍ସା ପ୍ରସ୍ତୁତ ହୋଇଥିଲା। ଚାଷୀଙ୍କୁ ଏକଜୁଟ କରିବା ପାଇଁ କୃଷକ ନେତାମାନେ ଦିନରାତି ଏକ କରି ଦେଇଥିଲେ। ତେଣେ ସରକାର ଚାଷୀଙ୍କ ପଦଯାତ୍ରା ଭଣ୍ଡୁର କରିବା ପାଇଁ ପୋଲିସ ପ୍ରଶାସନକୁ ଲଗାଇ ଦେଇଥିବା ବେଳେ ଜିଲା ଓ ଜିଲା ବାହାରୁ ଆସୁଥିବା କେତେକ ଚାଷୀଙ୍କୁ ପୋଲିସ ବାଟରେ ଅଟକାଇ ରଖିଥିବା ସୂଚନା ମିଳିଛି। ଜିଲାର ପାଣିକୋଇଲି, ରଗଡି, ଯାଜପୁର ଟାଉନ, ଯାଜପୁର ରେଳ ଷ୍ଟେଶନ ପ୍ରଭୃତି ସ୍ଥାନରେ ଚାଷୀ ଅଟକି ରହିଥିବା ଜଣାପଡିଛି। ସୂଚନା ଯେ, ପୋଲିସ ବାହିନୀକୁ ଚକ୍‌ମା ଦେଇ ଚାଷୀମାନେ ସୋମବାର ପୂର୍ବାହ୍ନ ୧୧ଟାରେ ବାରବାଟୀ ବଜାରରେ ଏକଜୁଟ ହୋଇଥିଲେ। ପୋଲିସ ସଜାଗ ହୋଇଥିବା ଦେଖି ରାତାରାତି ଚାଷୀ ସଂଗଠନ ନିଜର ରଣନୀତି ବଦଳାଇ ଦେଇଥିଲା। ରବିବାର ରାତିରୁ ପୋଲିସ ଗାଁ ଗଣ୍ଡାର ଛକ ବଜାରରେ ଜଗି ରହିଥିଲା। ଚାଷୀମାନେ କିପରି ଏକଜୁଟ ନ ହେବେ ସେ ନେଇ ପ୍ରୟାସ ଜାରି ରଖିଥିଲା। ପୋଲିସର ପୂର୍ବପ୍ରସ୍ତୁତିକୁ ଚାଷୀମାନେ ଅନୁମାନ ଲଗାଇ ରାସ୍ତା ବଦଳାଇ ବାରବାଟୀ ବଜାରଠାରେ ଏକଜୁଟ ହୋଇଥିଲେ। ରାଜ୍ୟର ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କରଞ୍ଜିଆ, ନିଳଗିରି, ବାରିପଦା ଆଦି ସ୍ଥାନରୁ ଚାଷୀମାନେ ଆଗୁଆ ଆସି ଗୋପନୀୟ ସ୍ଥାନରେ ଲୁଚି ରହିଥିଲେ। ସଂଗଠନ ଦାୟିତ୍ୱରେ ଥିବା ମୁଖିଆମାନେ ସେମାନଙ୍କୁ ଟ୍ରକ ଯୋଗେ ବାରବାଟୀ ଆଣିଥିଲେ। ପ୍ରାୟ ୩୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏକଜୁଟ ହୋଇଥିବା ଦେଖି ପୋଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଚାଷୀଙ୍କୁ ନିୟନ୍ତ୍ରଣ କରିବା ପୋଲିସ ବାହିନୀର କୌଶଳ ବାହାରକୁ ଚାଲିଯାଇଥିଲା। ଚାଷୀ ସମାବେଶ ଓ ପଦଯାତ୍ରାକୁ ଭଣ୍ଡୁର କରିବା ପାଇଁ ଶାସକ ଦଳ ଓ ପୋଲିସ ପ୍ରଶାସନ ପକ୍ଷରୁ ଚେଷ୍ଟା କରାଯାଇଥିବା ଅଭିଯୋଗ ଉଠିଥିଲା। ବାରବାଟୀ ଅଞ୍ଚଳର ଜଣେ ଯୁବକ ନିଶାଶକ୍ତ ଅବସ୍ଥାରେ ଏକ କାର୍ ଦ୍ରୁତଗତିରେ ଚଳାଇ ଚାଷୀଙ୍କ ଗୋଠ ଭିତରକୁ ମାଡି ଆସିଥିଲେ। କେତେଜଣ ଯୁବଚାଷୀ କାର ଚାଳକକୁ ଅଟକାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଚାଳକ ଜଣକ ନିୟନ୍ତ୍ରଣ ହରାଇବାରୁ କାରଟି ଜାତୀୟ ରାଜପଥ କଡ଼ରେ ଫସି ଯାଇଥିଲା। ଚାଳକ ରାସ୍ତା ତଳକୁ ଖସି ପଡି ଚାଷୀଙ୍କ ଭୟରେ ରାସ୍ତା କଡ଼ରେ ଥିବା ପାଣି ଭିତରେ କିଛି ସମୟ ଧରି ବୁଡି ରହିଥିଲେ। ଘଟଣାସ୍ଥଳରେ ପୋଲିସ ଫୋର୍ସ ମହଜୁଦ୍ ଥିଲେ ହେଁ କେବଳ ଦେଖଣାହାରୀ ସାଜିଥିଲେ। ଚାଷୀମାନେ ରାଜପଥ ଅବରୋଧ କରିବାରୁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଗାଡି ଚଳାଚଳ ବନ୍ଦ ହୋଇଯାଇଥିଲା। ଚାଷୀମାନେ ଉତ୍ତ୍ୟକ୍ତ ନ ହେବାକୁ ଓ ରାଜପଥ ଅବରୋଧ ନ କରିବାକୁ ସଂଗଠନର ମୁଖ୍ୟ ଅକ୍ଷୟ କୁମାର ଚାଷୀଙ୍କୁ ବୁଝାଇଥିଲେ। ଏହାପରେ ରାସ୍ତାର ଗୋଟିଏ ପାର୍ଶ୍ୱକୁ ଚାଷୀମାନେ ମାଡି ବସିଥିଲେ ଓ ଅନ୍ୟପାର୍ଶ୍ୱରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଅପରାହ୍ନ ୧ଟାରେ ଚାଷୀମାନେ ଭୁବନେଶ୍ୱର ଅଭିମୂଖେ ପଦଯାତ୍ରାରେ ବାହାରି ଥିଲେ। ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସହସଂଯୋଜକ ନିମାଇଁ ରାୟ, ଜିଲା ସଂଯୋଜକ ଦୁର୍ଗାପ୍ରସାଦ ଦାସ, ଉପଦେଷ୍ଟା ବରିଷ୍ଠ ଖବରଦାତା ରବି ଦାସ, ସୁଧିର ଚନ୍ଦ୍ର ନାୟକ, ନକୁଳ ଚରଣ ରାଉତ, ଗଗନ ଜେନା, ଚାଷୀ ନେତା ମୁକୁନ୍ଦ ମହାନ୍ତି, ମାଧବ ଶାନ୍ତି, ତ୍ରିଲୋଚନ ପଣ୍ଡା, ଚନ୍ଦନ ନାୟକ, ଅଶୋକ ଶାନ୍ତି ପ୍ରମୁଖ ବାରବାଟୀ-ନଠୁଆବର ରାସ୍ତାଦେଇ ଏକ ବିଶାଳ ଶୋଭାଯାତ୍ରାରେ ଓଡ଼ଙ୍ଗ ପରିବା ବଜାର ନିକଟରେ ପହଞ୍ଚି ଥିଲେ। ବାରବାଟୀଠାରେ ପୋଲିସ ଚାଷୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ଉଠିଥିଲା। ଧର୍ମଶାଳା ଥାନାଧିକାରୀ ଉମାକାନ୍ତ ନାୟକ ଚାଷୀଙ୍କୁ ଗୋଇଠା ମାରିଥିବା ଅଭିଯୋଗ ଉଠିଥିଲା। ମାତ୍ର ଥାନାଧିକାରୀ ସେଭଳି କିଛି କରି ନ ଥିବା କହିଥିଲେ। ଉକ୍ତ ପଦଯାତ୍ରାକୁ ସ୍ଥାନୀୟ ଅଞ୍ଚଳର ଭାଜପା ଓ କଂଗ୍ରେସ ନେତା ଓ କର୍ମୀମାନେ ସମର୍ଥନ ଜଣାଇଥିଲେ। ବାରବାଟୀ ନିକଟରେ ବରୀର ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ, ଧର୍ମଶାଳାର କଂଗ୍ରେସ ନେତା କିଶାନ ପଣ୍ଡା, ଜିଲାପରିଷଦ ରଶ୍ମୀରଞ୍ଜନ ନାୟକ, ସମିତିସଭ୍ୟ ଚୈତନ୍ୟ ନାୟକ, ପ୍ରଦୀପ ନାୟକ, ଉତ୍ତମ ପାଳ, ବାମଦେବ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ୧୬ ନମ୍ବର ଜାତୀୟ ରାଜପଥରେ ଆୟୋଜିତ ପଥପ୍ରାନ୍ତ ସଭାରେ ଯୁବ କଂଗ୍ରେସ ନେତା ପଦ୍ମାକର ଗୁରୁ, ସନ୍ତୋଷ ନନ୍ଦ, ଉମେଶ ଜେନା ପ୍ରମୁଖ ଯୋଗଦେଇଥିଲେ। କୁଆଖିଆଠାରେ ଅଭ୍ୟର୍ଥନା କମିଟି ପକ୍ଷରୁ ସାମାଜିକ କର୍ମୀ ବିଶ୍ୱଜିତ୍ ମହାନ୍ତି, ଶିକ୍ଷକ ବୈଦ୍ୟନ୍ଦ୍ରନାଥ ସାହୁ, ଯୋଗଦେନ୍ଦ୍ର ପଣ୍ଡା, ଅରୁଣ ସାହୁ, ରବୀନ୍ଦ୍ର ପୃଷ୍ଟି, ନାରାୟଣ ଜେନା, ବିଶ୍ୱନାଥ ପଣ୍ଡା ପ୍ରମୁଖ ଯୋଗଦେଇ ପଦଯାତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ବ୍ଲକ ଅଞ୍ଚଳରେ ୬ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ପଦଯାତ୍ରୀ ଦଳ ୧୦ କି.ମି ରାସ୍ତା ଅତିକ୍ରମ କରିବା ସହ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ନିକଟରେ ପହଞ୍ଚି ଥିବା ପୋଲିସ ସୂତ୍ରରୁ ଜଣାପଡିଛି।



■୩୫ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମାଗମ

■ଅନେକ ଚାଷୀଙ୍କୁ ବାରବାଟୀରେ ପହଞ୍ଚିବାକୁ ଦେଲାନି ପୋଲିସ

## ■ ଚାଷୀଙ୍କୁ ଅଟକାଇଲା ପୋଲିସ

# ପ୍ରତିବାଦରେ ରାସ୍ତା ଅବରୋଧ

**ବିଞ୍ଝାରପୁର, ୨୯। ୧୦(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ନବନିର୍ମାଣ କୃଷକ ସଂଗଠନର କର୍ମୀ ଓ ଛାମୁଆ ନେତାମାନେ ନିଜର ହକ୍ ପାଇଁ ଯାଜପୁର ଜିଲାର କୁଆଖିଆକୁ ଆନ୍ଦୋଳନ କରିବା ଉଦ୍ଦେଶ୍ୟରେ ଯାଉଥିଲାବେଳେ ମଇନ୍ଦାଠାରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଏହାକୁ ନେଇ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ପ୍ରତିବାଦରେ କୃଷକ ସଂଗଠନର କର୍ମକର୍ତ୍ତା ଯାଜପୁର-ସିଂହପୁର ମୁଖ୍ୟରାସ୍ତାର ମଇନ୍ଦାଛକରେ ରାସ୍ତା ଅବରୋଧ କରିଥିଲେ। ପୋଲିସର ଏହି ଅଟକକୁ କୃଷକ ନେତା ଭୁବନାନନ୍ଦ ସାମଲ ନିନ୍ଦା କରିଥିବା ବେଳେ ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ବ୍ୟାଘାତ ହେବା ଆଶଙ୍କା କରି ନିର୍ଦ୍ଦେଶ ମୁତାବକ ଅଟକାଇବାକୁ ପଡିଥିଲା ବୋଲି ଥାନାଧିକାରୀ ସୁଚିତ୍ରାବିର୍ଯ୍ୟ ଦାସ ସୂଚନା ଦେଇଛନ୍ତି। ତେବେ ଏହି ଅବରୋଧ ଅପରାହ୍ନରେ ଶାନ୍ତିପୂର୍ଣ୍ଣ ଭାବେ ହଟିଥିବା ଜଣାପଡିଛି। ବିଞ୍ଝାରପୁର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଭୂବନାନନ୍ଦ ସାମଲ, ନିମାଇଁ ଦାସ, ଦୀନବନ୍ଧୁ ପଣ୍ଡା, ଗୋବିନ୍ଦ ନାୟକ, ସତ୍ୟ ବେହେରା, ସନ୍ତୋଷ ଧଳ ପ୍ରମୁଖଙ୍କ ସମେତ ଶତାଧିକ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ସାମିଲ ଥିଲେ।



ଚାଷୀମାନେ ଧାରଣାରେ ବସିଛନ୍ତି।

# ବିପର୍ଯ୍ୟୟ ପ୍ରସ୍ତୁତି, ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

**ଯାଜପୁର ଅଫିସ,୨୯।୧୦**

ଜିଲା ଜରୁରୀ ବିଭାଗ ପକ୍ଷରୁ ସୋମବାର ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପାଳିତ ହୋଇଯାଇଛି । ଜିଲା ଜରୁରୀ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆ ନୂଆ ବିପର୍ଯ୍ୟୟ ଆସୁଥିବାରୁ ତାକୁ ବୈଜ୍ଞାନିକ ଓ ବୈଷୟିକ ଜ୍ଞାନ କୌଶଳରେ ସମ୍ମୁଖୀନ ହେବାକୁ ଆହ୍ୱାନ ଦେବା ସହ ସାଧାରଣ ଜନତାଠାରୁ ସରକାର ପର୍ଯ୍ୟନ୍ତ ପ୍ରତ୍ୟେକ ସହଯୋଗ ଓ ସମନ୍ୱୟର ସହ ବିପର୍ଯ୍ୟୟର ପ୍ରଶମନ ଓ ପରିଚାଳନା ପାଇଁ ଉଦ୍ୟମ କରିବାକୁ ଅନୁରୋଧ କରିଥିଲେ। ସିଡିଏମଓ ଡା. ବାରିଶ କୁମାର ଦାସ ବିପର୍ଯ୍ୟୟ ସମୟରେ ସ୍ୱାସ୍ଥ୍ୟ ସେବା ଓ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଏଡିଏମଓ ଡା. କାହ୍ନୁଚରଣ ନାୟକ, ଶିବାଶିଷ ମହାରଣା, ଏ.କେ. ନାଥଶର୍ମା, ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ, ସହକାରୀ ଜିଲାପାଳ କୁଳମଣି ନାୟକ, ଅନୁପ ବେହେରା, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ରାଉତ, ଫକୀର ମୋହନ ଟୁଡୁ, ଜ୍ଞାନ ରଞ୍ଜନ ସେଠୀ, ଦେବାଶିଷ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ପରେ ଓଡ୍ରାଫ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟର ବିବିଧ କୌଶଳ ପ୍ରଦର୍ଶନ କରାଯାଇଥିଲା । ଅତିଥିମାନେ ବିପର୍ଯ୍ୟୟ ପ୍ରଶମନ ପାଇଁ ଏକ ଶପଥ ପାଠ କରାଇଥିଲେ। ଜଗନ୍ନାଥ ମନ୍ଦିର, ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ପ୍ରାରମ୍ଭରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ବିଜୁ ଯୁବ ବାହିନୀନର ସଦସ୍ୟଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । କର୍ମଚାରୀ ନକୁଳ ମଲ୍ଲିକ, ଅରୁଣ ସାହୁ, ତରୁଣ ପଣ୍ଡା, ସୁପ୍ରିୟ ପଣ୍ଡା, ରୋଜାଲିନ ରାଉତ, ଶୁଭାଶିଷ ଜେନା, ଦଶରଥ ଜେନା ପ୍ରମୁଖ ସହଯୋଗ କରିଥିଲେ।




ଜାତୀୟ ବିପର୍ଯ୍ୟୟ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ଭୋଟର କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

**ଯାଜପୁରରୋଡ, ୨୯।୧୦(ନି.ପ୍ର.)**

ବ୍ୟାସନଗର ପୌର ପରିଷଦର ୧୩ ନଂ. ୱାର୍ଡର ଭୋଟର କେନ୍ଦ୍ର ଭାବେ ପରିଚିତ ବ୍ୟାସନଗର ନୋଡାଲ ସ୍କୁଲକୁ ସୋମବାର ଜିଲାପାଳ ରଞ୍ଜନ କୁମାର ଦାସ ପରିଦର୍ଶନରେ ଆସିଥିଲେ। ବିଦ୍ୟାଳୟଟି ପରିତ୍ୟକ୍ତ ଅବସ୍ଥାରେ ଥିବାବେଳେ ପିଲା ନ ଥିବାରୁ ବିଦ୍ୟାଳୟ ୫/୬ ବର୍ଷ ହେବ ବନ୍ଦ ରହିଛି। ତୁରନ୍ତ ସ୍କୁଲ ମରାମତି ପାଇଁ ଜିଲାପାଳ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଏବଂ ବହୁ ପଦାଧିକାରୀ ଜିଲାପାଳଙ୍କ ସହ ସାମିଲ ଥିଲେ।

### ନେମରାରେ ଲକ୍ଷ୍ମୀ ପୂଜା ଶେଷ

**ସିଂହପୁର,୨୯।୧୦(ଡି.ଏନ୍.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତ ନେମରା ଗ୍ରାମରେ ୩୫ ବର୍ଷ ଧରି ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଆସୁଛି। ୩ ଦିନ ବ୍ୟାପୀ ପୂଜା କରାଯାଇ ସୋମବାର ଶେଷ ହୋଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ରବିନାରାୟଣ ପତି ପୂଜା କାର୍ଯ୍ୟ ଓ ଚଣ୍ଡୀ ପାଠ କରିଥିଲେ। ଶୈଳେନ୍ଦ୍ର ପତି ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ନୀଳମଣି ସାହୁ, ପଦ୍ମନାଭ ସାହୁ, ସଦାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ‘ଦୁର୍ନୀତି ମୂଳୋତ୍ପାଟନ ପାଇଁ ସଚେତନତା ଜରୁରୀ’

**ଯାଜପୁର ଅଫିସ,୨୯।୧୦**

ଦୁର୍ନୀତି ସମାଜରେ ବ୍ୟାଧି ସଦୃଶ। ଏହାର ମୂଳୋତ୍ପାଟନ ପାଇଁ ବ୍ୟାପକ ସଚେତନତା ଜରୁରୀ ବୋଲି ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମତବ୍ୟକ୍ତ କରିଛନ୍ତି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ ଗୃହରେ ଏହି ସପ୍ତାହ ପାଳନ ଅବସରରେ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲାପାଳ ମହାନ୍ତି ବ୍ୟକ୍ତିଗତ, ସାମାଜିକ ଓ କାର୍ଯ୍ୟାଳୟ କ୍ଷେତ୍ରରେ ଦୁର୍ନୀତି ବିରୋଧରେ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତାଷ କୁମାର ସେଠୀ ପରିଚାଳନା କରିବା ସହ ଦୁର୍ନୀତି ରୂପକ ମହାମାରୀକୁ ବିଲୋପ ପାଇଁ ପ୍ରତ୍ୟେକ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି, ଉମେଶଚନ୍ଦ୍ର ଲେଙ୍କା, କାର୍ଯ୍ୟାଳୟ ଅଧୀକ୍ଷକ ନକୁଳଚରଣ ମଲ୍ଲିକ, ମୁଖ୍ୟ କିରାଣୀ ଶୈଳଜା କୁମାର ପଣ୍ଡା, ଅଶୋକ କୁମାର ମିଶ୍ର, ରଜନୀକାନ୍ତ ସାହୁ, ଶଶିଭୂଷଣ ମିଶ୍ର, ନିତ୍ୟାନନ୍ଦ ନାୟକ, ମଦନ ମୋହନ ପତି, ସତ୍ୟଜିତ୍ ନାୟକ ପ୍ରମୁଖ ଯୋଗଦେଇ ଶପଥ ପାଠ କରିଥିଲେ। ଏହି ଅବସରରେ ଅନ୍ୟାନ୍ୟ ବିଭାଗରେ ଦୁର୍ନୀତି ନିବାରଣ ଶପଥ ପାଠ କରାଯାଇଥିଲା।



ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଅଧିକାରୀମାନେ ଶପଥ ପାଠ କରୁଛନ୍ତି।

## ■ ମଦ ଦୋକାନ ପାଇଁ ନିୟମ ଉଲ୍ଲଂଘନ, ଦାନା ବାନ୍ଧୁଛି ଆନ୍ଦୋଳନ

# ଫାଇଲ ତଳେ ଚପି ଯାଉଛି ଫର୍ମ-ଏ ନୋଟିସ

**ଯାଜପୁର ଅଫିସ,୨୯।୧୦**

■ଗାଁ ମଝିରେ ମଦ ଦୋକାନ ଖୋଲିବାକୁ ଦିଆଯାଉଛି ପ୍ରସ୍ତାବ

■ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉନି ନୋଟିସ

ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତିବର୍ଷ ଅକ୍ଟୋବରରେ ଫର୍ମ-ଏ ନୋଟିସ ଜାରି କରାଯିବା କଥା। ମାତ୍ର ଯାଜପୁର ଜିଲା ଅବକାରୀ ବିଭାଗ ଏହି ନିର୍ଦ୍ଦେଶ ପାଳନ କରୁନାହିଁ। ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ଫର୍ମ-ଏ ଲଗାଯାଉ ନାହିଁ । ଏହାଦ୍ୱାରା ମଦ ଦୋକାନ ଉପରେ ସାଧାରଣ ଲୋକଙ୍କ ମତାମତକୁ ଅବକାରୀ ବିଭାଗ ଦବେଇ ଦେଉଛି। ଫଳରେ ଯାଜପୁର ଜିଲାରେ ବେଆଇନ ମଦ ଦୋକାନ ବଢିବାରେ ଲାଗିଥିବାବେଳେ ଲୋକଙ୍କ ମଧ୍ୟରେ ଆନ୍ଦୋଳନର ଦାନା ବାନ୍ଧିବାରେ ଲାଗିଛି । ଏବେ ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ବିଦେଶୀ ମଦ ଦୋକାନକୁ ଲାଇସେନ୍ସ ପ୍ରଦାନକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଏଭଳି ପୂର୍ବରୁ ଅନେକ ଆନ୍ଦୋଳନ ହୋଇଥିବା ବେଳେ ଅବକାରୀ ବିଭାଗର ଫର୍ମ-ଏ କୁ ଚାପି ଦେବା ଆଇନର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ମତପ୍ରକାଶ ପାଇଛି। ସାମାଜିକ ଜୀବନ ବିପନ୍ନ ହେଉଥିବାରୁ ଜିଲାର ବିଭିନ୍ନ ସ୍ଥାନରେ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହେଉଛନ୍ତି। ଘର ଚାରିକାନ୍ଥ ଭିତରୁ ମହିଳାମାନେ ବାହାରି ସଂଘର୍ଷ କରିବା ପଛରେ ଅବକାରୀ ବିଭାଗ ଶତ ପ୍ରତିଶତ ଦାୟୀ ବୋଲି କୁହାଯାଇପାରେ। କାରଣ ଫର୍ମ-ଏ ନୋଟିସକୁ ଅବକାରୀ ବିଭାଗ ଠିକଭାବେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରୁନାହିଁ। ଫଳରେ ଏହି ଫର୍ମ ଜରିଆରେ ଲୋକଙ୍କ ମତ ସରକାରଙ୍କ ପାଖରେ ପହଞ୍ଚି ପାରୁନାହିଁ। ମଦ ବ୍ୟବସାୟୀଙ୍କ ସହିତ ସଲାସୁତରା କରି ଅବକାରୀ କର୍ତ୍ତୃପକ୍ଷ ମଦ ଦୋକାନ ପାଇଁ ଥିବା ନିୟମ ଉଲ୍ଲଂଘନ କରୁଛନ୍ତି। ଫଳରେ ମଦ ଦୋକାନଗୁଡିକ ଯେକୌଣସି ସ୍ଥାନରେ ବି ଖୋଲି ପାରୁଛି । ଏଥିଯୋଗୁ ସାଧାରଣ ଲୋକ ଦୁର୍ଦ୍ଦଶା ଭୋଗୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସମ୍ପୃକ୍ତ ଅଞ୍ଚଳରେ ମଦ ଦୋକାନ ରହିବ କି ନାହିଁ ସେଥିପାଇଁ ଅବକାରୀ ବିଭାଗ ପକ୍ଷରୁ ଫର୍ମ-ଏ ନୋଟିସ ଜାରି କରାଯାଇଥାଏ। ପ୍ରତିବର୍ଷ ଅକ୍ଟୋବରରେ ଏହି ପ୍ରକ୍ରିୟା ପାଳନ କରିବା ଅବକାରୀ ବିଭାଗ ପାଇଁ ବୈଧାନିକ ବ୍ୟବସ୍ଥା ରହିଛି। ଲୋକଙ୍କ ଦ୍ୱାରା ଫର୍ମ-ଏ ମଞ୍ଜୁର ହେବାପରେ ମଦ ବିକ୍ରି ପାଇଁ ଫର୍ମ-ବି ରେ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠା ଯାଇଥାଏ। ଚଳିତବର୍ଷ ଅକ୍ଟୋବର ସରିବାକୁ ଆଉ ମାତ୍ର ୨ଦିନ ବାକି ରହିଛି। ମାତ୍ର ଏହି ନୋଟିସକୁ ଅବକାରୀ ବିଭାଗ ନିଜ ଫାଇଲ ଭିତରେ ସୀମିତ ରଖିଛି। ଫର୍ମ-ଏ ନୋଟିସ ପ୍ରକ୍ରିୟାକୁ ଗୋପନ ରଖିବା ପାଇଁ ବିଭାଗ ଜାଣିଶୁଣି ଉଦ୍ୟମ କରୁଥିବା କୁହାଯାଉଛି। ଫଳରେ ଏଭଳି ଏକ ବ୍ୟବସ୍ଥା ବାବଦରେ ସାଧାରଣ ଲୋକଙ୍କ ସାମାନ୍ୟତମ ଧାରଣା ରହୁନାହିଁ। ଏହି ନୋଟିସ ଜାରି ହେବାପରେ ପଞ୍ଚାୟତ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଲୋକଙ୍କ ଗୋଚରାର୍ଥେ ଦିଆଯାଇଥାଏ। ହେଲେ ଗଣମାଧ୍ୟମରେ ଏହି ନୋଟିସ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଉ ନ ଥିବାରୁ ବିଭିନ୍ନସ୍ତରରେ ଏହାର ବ୍ୟବହାର ସମ୍ପର୍କରେ ଲୋକେ ଜାଣିନାହାନ୍ତି। ଜିଲାରେ ପ୍ରାୟ ୧୦୦ଟି ଆସ୍କାଫଟି, ଠିପିଖୋଲା ଓ ଠିପି ବନ୍ଦ ମଦ ଦୋକାନ ରହିଛି । ଗତବର୍ଷ ଧର୍ମଶାଳା ବ୍ଲକ ଚକ୍ରଧରପୁର ପଞ୍ଚାୟତ ନିକଟରେ ଏକ ବିଦେଶୀ ମଦ ଦୋକାନ ଖୋଲିବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥଲା। ଏହି ଖବର ଜାଣିବା ପରେ ସୋରେଇ, କବାଟବନ୍ଧ, ଦଳଗାଁ, ଚକ୍ରଧରପୁର, ମଧୁସୁଦନପୁର, ମୁକୁନ୍ଦପୁର, କୁସୁନପୁର ଆଦି ଗ୍ରାମର ଶତାଧିକ ମହିଳାପୁରୁଷ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଥିଲେ। ଲୋକଙ୍କ ଆନ୍ଦୋଳନ ପରେ ଅବକାରୀ ବିଭାଗ ସେହି ମଦ ଦୋକାନକୁ ବନ୍ଦ କରି ଦେଇଥିଲା। ଏବେ ଦଶରଥପୁର ଚମ୍ପେଇପାଳ ପଞ୍ଚାୟତ ନିକଟରେ ଏକ ବିଦେଶୀ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏ ନେଇ ମଦ ଦୋକାନୀ ଏକ ବ୍ୟାନର ଲଗାଇଥିଲେ। ହେଲେ ଉତ୍ତ୍ୟକ୍ତ ଲୋକେ ସେହି ବ୍ୟାନରକୁ ରବିବାର ଚିରି ଦେବାସହ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଗାଁ ମଝିରେ ମଦ ଦୋକାନକୁ ବିରୋଧ କରିଥିଲେ। ଆଗାମୀ ଦିନରେ ଆହୁରି ଦେଶୀ/ବିଦେଶୀ ମଦ ଦୋକାନ ଖୋଲିବାକୁ ପ୍ରସ୍ତାବ ରହିଛି। ମଦ ଦୋକାନ ମାଲିକମାନେ ଅଧିକ ବିକ୍ରି ଆଶା ରଖି ଗ୍ରାମାଞ୍ଚଳ ତଥା ଆଭ୍ୟନ୍ତରୀଣ ଅଞ୍ଚଳକୁ ମଦ ଯୋଗାଣ କରୁଛନ୍ତି। ଜିଲାସାରା ଗଳିକନ୍ଦିରେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି । କେବେ କେମିତି ଧର୍ମକୁ ଆଖିଠାର ସଦୃଶ କୁଟିଆ ମଦ ଦୋକାନ କରିଥିବା ଗରିବ ଲୋକଙ୍କୁ ଧରି କୋର୍ଟ ହାଜତକୁ ପଠାଇ ଦେଉଛନ୍ତି । ଏ ସଂକ୍ରାନ୍ତରେ ଅବକାରୀ ଅଧୀକ୍ଷକ ରଜତ ପ୍ରହରାଜଙ୍କୁ ପଚାରିବାରୁ ସେ କହିଛନ୍ତି, ଫର୍ମ-ଏ ପ୍ରକାଶ କରିବାକୁ ଜିଲାପାଳଙ୍କୁ ଅନୁମୋଦନ ପାଇଁ ପଠାଯାଇଛି । ଅନୁମୋଦନ ଆସିଲା ପରେ ବିଭିନ୍ନ ସ୍ଥାନରେ ତାହା ଲଗାଯିବ। ଅବକାରୀ ଆଇନ ଉପରେ ବିଭିନ୍ନ ସମୟରେ ସଭାସମିତି, ଶୋଭାଯାତ୍ରା କରି ଲୋକଙ୍କୁ ସଚେତନ କରାଯାଉଛି ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ଅକ୍ଟୋବର, ୨୦୧୮



ଯେଉଁ ଲୋକ ଦୁଃଖ କଷ୍ଟ ନ ସହିଛି, ତା' ହୃଦୟରେ ଶକ୍ତିର ସଞ୍ଚାର ହୋଇନାହିଁ।
- ହେମାନସ୍



## ସଂକ୍ଷେପରେ

### କୂଅରେ ପଡ଼ି ନାବାଳିକାଙ୍କ ମୃତ୍ୟୁ

**ଯାଜପୁରରୋଡ,୨୯।୧୦(ନି.ପ୍ର.):** ଖେଳୁଥିବା ବେଳେ ଯାଜପୁରରୋଡ ଥାନା ଅନ୍ତର୍ଗତ ସୋବରା ଅଞ୍ଚଳରେ ସୋମବାର କୂଅରେ ପଡି ଜଣେ ନାବାଳିକାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଅଞ୍ଚଳର ସରୋଜ ସାହୁଙ୍କ ଝିଅ ମଧୁସ୍ମିତା(୭)। ଯାଜପୁରରୋଡ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ କୂଅରୁ ଉଦ୍ଧାର କରିଥିଲା। ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅଟୋ ପାର୍ଟ୍ସ ଦୋକାନରୁ ଚୋରି

**କୋରେଇ,୨୯।୧୦(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ରଗଡି ଛକରେ ଥିବା ତାରିଣୀ ଅଟୋ ପାର୍ଟ୍ସ ଦୋକନରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ସୋମବାର କୋରେଇ ଥାନାରେ ଅଭିଯୋଗ କରିଛନ୍ତି। ଦୋକାନରୁ ପ୍ରାୟ ଲକ୍ଷାଧିକ ଟଙ୍କାର ପାର୍ଟ୍ସ ଚୋରି ହୋଇଥିବା ବେଳେ ନଗଦ ୫ ହଜାର ୫ ଶହ ଟଙ୍କା ଚୋରି ହୋଇଥିବା କହିଛନ୍ତି। ଏ ନେଇ ପୋଲିସ ଏକ ମାମଲା(୨୨୩/୧୮) ରୁଜୁ କରିଛି। ପ୍ରକାଶ ଯେ, ଅନ୍ଧାରୀ ପଞ୍ଚାୟତ କୋରୋବନ୍ଦୀ ଗ୍ରାମର ରବୀନ୍ଦ୍ର କୁମାର ରାଉତ କୋରେଇ ଥାନା ଅନ୍ତର୍ଗତ ରଗଡି ଛକରେ ଅଟୋ ପାର୍ଟ୍ସ ଦୋକନ କରିଥିଲେ।

### ମାନସିକ ବିକାରଗ୍ରସ୍ତ ବୃଦ୍ଧଙ୍କୁ ପୋଲିସ ଜିମା ଦେଲେ ସରପଞ୍ଚ

**କୋରେଇ,୨୯।୧୦(ସ୍ୱ.ପ୍ର.):** ମହାରାଷ୍ଟ୍ର ନାଗପୁର ଅଞ୍ଚଳର ଜଣେ ବୃଦ୍ଧ ପ୍ରାୟ ସପ୍ତାହେ ହେବ କୋରେଇ ଅଞ୍ଚଳରେ ବୁଲୁଥିବାବେଳେ ତୁଳତୀ ପଞ୍ଚାୟତର ସରପଞ୍ଚ ଦୀପ୍ତିମୟୀ କୁଅଁର ସୋମବାର ତାଙ୍କୁ ପୋଲିସ ଜିମା ଦେଇଥିଲେ। ସେ ଜଣେ ମାନସିକ ବିକାରଗ୍ରସ୍ତ। ସେ କିଛିଦିନ ପୂର୍ବେ ଟ୍ରେନ୍ ଯୋଗେ ଆସି ଯାଜପୁରରୋଡ ଷ୍ଟେଶନ୍‌ରେ ଓହ୍ଲାଇବା ପରେ ବ୍ୟାସନଗର ସମେତ କୋଗାଁ ଏବଂ ତୁଳତୀ ଛକରେ ବୁଲୁଥିଲେ। ବୃଦ୍ଧ ଜଣକ କେବଳ ମହାରାଷ୍ଟ୍ରର ନାଗପୁର ଅଞ୍ଚଳର ବୋଲି କହିଥିଲେ। ସରପଞ୍ଚ କୁଅଁର ବୃଦ୍ଧଙ୍କୁ ଆର୍ଥିକ ସହାୟତା କରିଥିଲେ। ମଙ୍ଗଳବାର ସୁଦ୍ଧା ରେଲୱେ ପୋଲିସ ସହାୟତାରେ ମହାରାଷ୍ଟ୍ରକୁ ପଠାଯିବ ବୋଲି ପୋଲିସ କହିଛି।

# ଋଣ ପାଇଁ ଦେବାକୁ ପଡୁଛି ଲାଞ୍ଚ

**ବରୀ,୨୯।୧୦(ସ୍ୱ.ପ୍ର.)**

- ଶାଖା ପରିଚାଳକ ବ୍ୟାଙ୍କ ଆସୁ ନ ଥିବା ଅଭିଯୋଗ
- ଋଣ ଦେବାରେ ସହଯୋଗ କରୁନାହାନ୍ତି ବ୍ୟାଙ୍କ କର୍ମଚାରୀ
- ବ୍ୟାଙ୍କ ପକ୍ଷରୁ ୨୬ କୋଟି ଟଙ୍କା ଋଣ ପ୍ରଦାନ

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ରାମଚନ୍ଦ୍ରପୁର ଗ୍ରାମରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ରହିଛି। ଉକ୍ତ ଅଞ୍ଚଳର ଚାଷୀଙ୍କୁ ଋଣ ସହାୟତା ପ୍ରଦାନ କରିବା ସହ ଜମା ଖାତା ଖୋଲିବା, ଋଣ ଆଦାୟ କରିବା ଆଦି ବ୍ୟାଙ୍କ ଶାଖାର କାର୍ଯ୍ୟ। ହେଲେ ଦୀର୍ଘଦିନ ହେବ ଶାଖା ପରିଚାଳକ ବ୍ୟାଙ୍କ ଆସୁ ନ ଥିବା ଅଭିଯୋଗ ହୋଇଛି। କେତେଜଣ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ ବ୍ୟାଙ୍କ ଚାଲୁଥିବା ବେଳେ ଚାଷୀଙ୍କୁ ଅସହଯୋଗ କରୁଥିବା ଅମଠପୁର ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ଗିରିଶ ଚନ୍ଦ୍ର ସାମଲ କଟକସ୍ଥିତ କେନ୍ଦ୍ରୀୟ ମୁଖ୍ୟ ଶାଖା କାର୍ଯ୍ୟାଳୟରେ ଅଭିଯୋଗ କରିଥିବା ଜଣାପଡିଛି।

ପ୍ରକାଶ ଯେ, ଗତ ୨୬ ତାରିଖରେ ସଭାପତି ସାମଲ ଅମଠପୁର ସମିତି ପକ୍ଷରୁ ଚାଷୀଙ୍କ ଋଣ ସଂକ୍ରାନ୍ତରେ ଜଣେ କର୍ମଚାରୀଙ୍କ ସହ ଆଲୋଚନା କରୁଥିଲା ବେଳେ କର୍ମଚାରୀ ଜଣକ ତାଙ୍କୁ ସହଯୋଗ କରି ନ ଥିବା କହିଥିଲେ। ଫଳରେ କେତେଜଣ ଚାଷୀ ଖରିଫ୍ ଋଣ ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଭାଗଚାଷୀଙ୍କୁ ଗୋଷ୍ଠୀ ମାଧ୍ୟମରେ ଋଣ ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଯୋଜନା ପ୍ରଣୟନ କରିଛନ୍ତି। ହେଲେ ବରୀରେ ଏହି ଯୋଜନା ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏଥିପାଇଁ ବ୍ୟାଙ୍କ କର୍ମଚାରୀଙ୍କୁ ଲାଞ୍ଚ ଦେବାକୁ ପଡୁଛି। ପ୍ରତ୍ୟେକ ଚାଷୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଋଣ ପ୍ରଦାନ କରାଯାଉଛି। ଏହିପରି ବରୀ ଅଞ୍ଚଳରେ ୧୩ଗୋଟି ପ୍ରାଥମିକ କୃଷି ସେବା ସମବାୟ ସମିତି ରହିଛି। ଏହି ସମିତି ଅଧୀନରେ ଥିବା ଭାଗଚାଷୀଙ୍କୁ ନେଇ ଗୋଷ୍ଠୀ କରାଯାଉଛି। ୧।୪।୨୦୧୮ରୁ ଖରିଫ୍ ଋଣ ପ୍ରଦାନ ଆରମ୍ଭ ହୋଇ ୩୦।୯।୨୦୧୮ରେ ଶେଷ ହୋଇଛି। ତେବେ ଅମଠପୁର ସେବା ସମବାୟ ସମିତି ଅଧୀନରେ ଥିବା କେତେକ ଭାଗ ଚାଷୀ ଗୋଷ୍ଠୀ ଋଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଗତ ୧।୧୦।୨୦୧୮ରୁ ରବି ଫସଲ ପାଇଁ ଋଣ ପ୍ରଦାନ ଆରମ୍ଭ ହୋଇଛି। ତେବେ ବ୍ୟାଙ୍କ ପକ୍ଷରୁ ୨୬ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ସୁପରଭାଇଜର ପ୍ରିୟରଞ୍ଜନ ସାହୁଙ୍କୁ ପଚାରିବାରେ, ଗିରିଶ ଭାଗ ଚାଷୀଙ୍କୁ ଋଣ ପ୍ରଦାନ କରିବା ସଂକ୍ରାନ୍ତରେ ତାଙ୍କୁ ପଚାରିଥିଲେ। ଏହାର ଶେଷ ତାରିଖ ୩୦।୯।୨୦୧୮ ଥିଲା। ତେବେ ଏବେ ଆଉ ଋଣ ପ୍ରଦାନ କରିହେବ ନାହିଁ। ଚାଷୀଙ୍କୁ ବ୍ୟାଙ୍କ ପକ୍ଷରୁ ସହଯୋଗ କରାଯାଉଛି ବୋଲି ସେ କହିଥିଲେ।

## ପ୍ରଥମ ଦିନରେ ୫୦ ଜଣଙ୍କୁ ଜାମିନ ପାଇଁ ନିଷ୍ପତ୍ତି

**କୋରେଇ,୨୯।୧୦(ସ୍ୱ.ପ୍ର.)**

ଆଇନଜୀବୀଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ଗତ ଅଗଷ୍ଟ ୨୯ ତାରିଖରୁ ରାଜ୍ୟରେ ଚାଲିଥିବା ଓକିଲଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ବିଭିନ୍ନ ମାମଲାରେ ବିଚାର ବିଭାଗୀୟ ଜେଲର ଅଭିଯୁକ୍ତଙ୍କ ବିଚାର ହୋଇପାରି ନ ଥିଲା। କଏଦୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଜେଲ୍‌ରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ରଗଡି ଜେଲରେ ୧୭୬ କଏଦୀ ରହିବାର ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ସୁଦ୍ଧା ୫୨୧ଜଣ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜେଲ୍‌ଗୁଡ଼ିକରେ କ୍ୟାମ୍ପ କୋର୍ଟ କରି ବିଚାରାଧୀନ କଏଦୀଙ୍କୁ ଜାମିନ୍ ପ୍ରଦାନ କରିବା ପାଇଁ ହାଇକୋର୍ଟ ବିଭିନ୍ନ ଅଦାଲତକୁ ନିର୍ଦ୍ଦେଶ ଦେଇଛନ୍ତି। ରଗଡ଼ି ଜେଲ୍‌ରେ ସୋମବାର ଯାଜପୁରରୋଡ ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି



କ୍ୟାମ୍ପକୋର୍ଟରେ ଯୋଗଦେଇଥିବା ବିଚାରପତି।

ଲୋପାମୁଦ୍ରା ପ୍ରକାଶ, ନିଳିମା ପଣ୍ଡା ଓ ସନ୍ତୋଷ ଅଗ୍ରୱାଲ ପହଞ୍ଚି ବ୍ୟକ୍ତିଗତ ମୁଚାଲିକାରେ ରଗଡ଼ି ଜେଲରଙ୍କ ଜରିଆରେ ୫୦ ଜଣଙ୍କୁ ଜାମିନ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ସେମାନେ ଜେଲ୍‌ରୁ ମୁକୁଳିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ମଙ୍ଗଳବାର ଯାଜପୁର ସେସନ୍ସ କୋର୍ଟରେ ୧୦ଜଣ ଓ ଯାଜପୁରରୋଡ ଏସଡିଜେଏମ୍ କୋର୍ଟରେ ୫ଜଣ ଓ ଏଡିଜେ କୋର୍ଟରେ ୨ଜଣଙ୍କ ଉପସ୍ଥାନ ହାଜର କରାଯିବା ପାଇଁ ସ୍ଥିର କରାଯାଇଥିବା ଜେଲ୍‌ର ଗୋବିନ୍ଦ ଚନ୍ଦ୍ର ସୁର କହିଛନ୍ତି। ୮ଦିନ ଧରି ରଗଡି ଜେଲ୍‌ରେ ବିଚାରପତିଙ୍କ ଦ୍ୱାରା କ୍ୟାମ୍ପ କୋର୍ଟ କରାଯାଇ ବିଚାରାଧୀନ କଏଦୀଙ୍କୁ ଜାମିନ ପ୍ରଦାନ କରାଯିବ।

## ୩ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ୍ ପ୍ରଦାନ କଲେ ବିଡିଓ

**କୋରେଇ,୨୯।୧୦(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ୩ ଭିନ୍ନକ୍ଷମ ସୋମବାର କୋରେଇ ବିଡିଓ ହେମନ୍ତ କୁମାର ବିହାରୀଙ୍କୁ ଭେଟି ଟ୍ରାଇ ସାଇକେଲ୍ ପାଇଁ ନିବେଦନ କରିବା ପରେ ବିଡିଓ ତୁରନ୍ତ ଟ୍ରାଇ ସାଇକେଲ୍ ପ୍ରଦାନ କରିଥିଲେ। ସେମାନେ ହେଲେ ଧନେଶ୍ୱର ପଞ୍ଚାୟତ ଧନେଶ୍ୱର ଗ୍ରାମର ମୁରଲୀଧର ମଳିକ, ସାଦକପୁର ପଞ୍ଚାୟତ ଖାରଜବଟିରା ଗ୍ରାମର ଜଗନ୍ନାଥ ମଳିକ ଏବଂ ତଳଗଡ଼ ପଞ୍ଚାୟତ ନଗୁଆଁ ଗ୍ରାମର ବଳରାମ ସ୍ୱାଇଁ। ପ୍ରତ୍ୟେକ ୭୦ରୁ ୮୦ ପ୍ରତିଶତ ଶାରୀରିକ ଅକ୍ଷମ ଥିବା ଜିଲା ପ୍ରଶାସନ ପକ୍ଷରୁ ପ୍ରମାଣପତ୍ର ପାଇଥିବା ବେଳେ ପୂର୍ବରୁ ଜିଲାପାଳଙ୍କୁ ମଧ୍ୟ ଟ୍ରାଇ ସାଇକେଲ୍ ପାଇଁ ନିବେଦନ କରିଥିଲେ। ଖୁବ୍‌ଶୀଘ୍ର ଅନ୍ୟ ୪ ଭିନ୍ନକ୍ଷମଙ୍କୁ ମଧ୍ୟ ସାଇକେଲ୍ ପ୍ରଦାନ କରାଯିବ ବୋଲି ବିଡିଓ ବିହାରୀ ପ୍ରକାଶ କରିଛନ୍ତି।

## ଯୁବକଙ୍କ ମାଡ଼ରେ ସିକ୍ୟୁରିଟି ଗାର୍ଡ ଗୁରୁତର

**ଦଶରଥପୁର,୨୯।୧୦(ଡି.ଏନ୍.ଏ.)**

କମ୍ପାନୀ କ୍ୟାମ୍ପସ୍ ମଧ୍ୟରେ ଗାଈ ଚରାଇବାକୁ ନେଇ ଜଣେ ଯୁବକଙ୍କ ମାଡ଼ରେ ସୋମବାର ସିକ୍ୟୁରିଟି ଗାର୍ଡ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ମଲିକାପୁର ପଞ୍ଚାୟତ ମହାନ୍ତି ପାଟଣା ଗ୍ରାମର ନୀଳମାଧବ ସାହୁ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି। ନୀଳମାଧବଙ୍କ ସ୍ତ୍ରୀ ହିରାବତୀ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଏକ ମାମଲା(୨୫୩/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପ୍ରକାଶ ଯେ, ନୀଳମାଧବ ଏକ ସ୍ଥାନୀୟ କମ୍ପାନୀରେ ସିକ୍ୟୁରିଟି ଗାର୍ଡଭାବେ କାମ କରନ୍ତି। ଥାଲକୁଡି ଗ୍ରାମର ବିରଞ୍ଚି ପାତ୍ର ନାମକ ଜଣେ ଯୁବକ ସୋମବାର କମ୍ପାନୀ କ୍ୟାମ୍ପସ୍ ମଧ୍ୟରେ ଗାଈ ଚରାଉଥିବାବେଳେ ନୀଳମାଧବ ତାଙ୍କୁ ମନା କରିଥିଲେ। ଏଥିସହ କ୍ୟାମ୍ପସ୍ ମଧ୍ୟରେ କାହାକୁ ପୂରାଇ ଦିଆଯିବନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିବା କହିଥିଲେ। ବିରଞ୍ଚି ଏଥିରେ ପ୍ରତିକ୍ରିୟାଶୀଳ ହୋଇ ନୀଳମାଧବଙ୍କୁ ଫୋନ୍‌କରି ନିଜ ଘରପାଖକୁ ଡାକି ଏକ ଲୁହାରଡ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ବିରଞ୍ଚିଙ୍କ ବାପା ଓ ଭାଇ ତାଙ୍କୁ ସହଯୋଗ କରିଥିବା ହିରାବତୀ ଅଭିଯୋଗରେ ଦର୍ଶାଇଛନ୍ତି।

### ଶ୍ରମିକଙ୍କୁ ମିଳୁନି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ

# ବିଡିଓଙ୍କ ନିକଟରେ ଗୁହାରି କଲେ ୪୦ରୁ ଊର୍ଦ୍ଧ୍ୱ ହିତାଧିକାରୀ



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ହିତାଧିକାରୀ।

**କୋରେଇ,୨୯।୧୦(ସ୍ୱ.ପ୍ର.)**

ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀ ପ୍ରାୟ ୧୮ ହଜାର ଟଙ୍କାର କାମ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନ୍ତର୍ଭୁକ୍ତ ଶ୍ରମିକଙ୍କ ଦ୍ୱାରା କରାଇବାର ସରକାରୀ ନିୟମ ରହିଛି। ତଦନୁଯାୟୀ ସାଦକପୁର ପଞ୍ଚାୟତରେ ଘର ପାଇଥିବା ବହୁ ହିତାଧିକାରୀଙ୍କ ଘର ନିର୍ମାଣରେ ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଜବକାର୍ଡଧାରୀ କାମ କରିଥିଲେ। ହେଲେ କାମ କରିବାର ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଶ୍ରମିକମାନେ ମଜୁରି ପାଇନାହାନ୍ତି। ପଞ୍ଚାୟତର ଜିଆର୍‌ଏସ୍ ଇମ୍ରାନ୍ ଖାଁ ଆକ୍ରୋଶମୂଳକ ଭାବେ ସେମାନଙ୍କ ନାମକୁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରୁ ନ ଥିବାରୁ ସେମାନେ ମଜୁରି ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସୋମବାର ୪୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ବିଡିଓ ହେମନ୍ତ କୁମାର ବିହାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ହିତାଧିକାରୀ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ବିଡିଓ କହିଛନ୍ତି। ସାଦକପୁର ପଞ୍ଚାୟତ ଖାରଜବଟିରା ଗ୍ରାମର ସୁକୁଟି ମଳିକ, ମାଳତି ମଳିକ, କୋରେନା ବିବି, ଟିମେଇ ମଳିକ, ଜାରେନା ବିବି, ରିନା ମଳିକ, ବାରଦା ଗ୍ରାମର କୁନି ମଳିକ, ସରସ୍ୱତୀ ମଳିକ ଏବଂ ଫାଜଲପୁର ଗ୍ରାମର ଖୁଲଣା ଜେନା, ବିଜୟ ମଳିକ ପ୍ରମୁଖ ବିଡିଓଙ୍କୁ ଭେଟିଥିଲେ। ଏ ସମ୍ପର୍କରେ ଜିଆର୍‌ଏସ୍ ଖାନ୍‌ଙ୍କୁ ପଚାରିବାରେ, ସେମାନେ କାମ କରିଥିବାର ଆବଶ୍ୟକୀ ପ୍ରମାଣପତ୍ର ନ ଥିବାରୁ ନାମ ପଞ୍ଜୀକରଣ କରାଯାଇ ନ ଥିବା କହିଥିଲେ।

### ୩ୟ ଦିନରେ କ୍ରିକେଟ୍ ଟୁର୍ନାମେଣ୍ଟ

## ଧର୍ମଶାଳା କ୍ରିକେଟ କ୍ଲବ ବିଜୟୀ

**ଛତିଆ,୨୯।୧୦(ଡି.ଏନ୍.ଏ.)**

ପାଟଣା କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ମନ୍ମଥ ଆଣ୍ଡ ଗିରିଧାରୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ୩ୟ ଦିନରେ ପହଞ୍ଚିଛି। ଖୋସାଲପୁର କ୍ରିକେଟ କ୍ଲବ ଓ ଧର୍ମଶାଳା କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖୋସାଲପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୫୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନିଲ ପ୍ରଧାନ ୪୦ ରନ କରିଥିଲେ। ଜବାବରେ ଧର୍ମଶାଳା ଦଳ ୧୫ ଓଭର ୬ ଟି ବଲ୍‌ରେ ୨ ଉଇକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିନୋଦ ବାରିକ୍ ୩୫ ବଲ୍‌ରେ ୫୭ ରନ୍ କରିଥିଲେ। ଉକ୍ତ ମ୍ୟାଚ୍‌ରେ ସାମାଜିକ କର୍ମୀ ଆଭାସ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଦୀପକ ସାହୁ, ସୁକାନ୍ତ ପ୍ରଧାନ ଖେଳ ପରିଚାଳନା କରିଥିବା ବେଳେ ଦୀପମ୍ ପ୍ରୀତମ୍ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ମନୋଜ କୁମାର ସାହୁ ଧର୍ମଶାଳା ଦଳର ବିନୋଦ ବାରିକଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର ପିଙ୍ଗୁଆ (ଢେଙ୍କାନାଳ) ଓ ମଙ୍ଗରାଜପୁର କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ହାଇକୋର୍ଟ ପରିସରରେ ଆଇନଜୀବୀ ମୁହାଁମୁହିଁ ହେବା ସମୟର ଦୃଶ୍ୟ





ଆହତ ଜଣେ ଯୁବକଙ୍କୁ ପୋଲିସ ଘଟଣାସ୍ଥଳରୁ ନେଉଛି।







ଦୁଇ ଆଇନଜୀବୀ ଗୋଷ୍ଠୀ ମୁହାଁମୁହିଁ ହେବା ସମୟରେ ନୀରବଦ୍ରଷ୍ଟା ସାଜିଥିବା ପୋଲିସ।


ଜୟଗୁରୁ କ୍ଲବ, କେନ୍ଦ୍ରାପଡ଼ା


କଜଳା


ଲକ୍ ରୋଡ୍


ମା'ଅଭୟା


ନଶଡ଼ିପୁର, କେନ୍ଦ୍ରାପଡ଼ା


ନରସିଂହ ଅବତାର


ସିବସେନା କ୍ଲବ


ତିନି ମୁହାଣି, କେନ୍ଦ୍ରାପଡ଼ା


ଠାକୁରହାଟ ବିହରୀଛକ, ଡେରାବିଶ


ସିଦ୍ଧମହାବୀର ମଣ୍ଡପ, ଡିଅମଗବାରି

## ସଂକ୍ଷେପରେ

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

କେନ୍ଦ୍ରାପଡା ଅଫିସ, ୨୯।୧୦- ସୋମବାରଠାରୁ ନଭେମ୍ବର ୩ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି । ଏହି ଉପଲକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ କାର୍ଯ୍ୟାଳୟର କର୍ମଚାରୀ ଓ ପଦାଧିକାରୀମାନେ ଦୁର୍ନୀତି ନିବାରଣର ଶପଥ ପାଠ କରିଥିଲେ । । ଆଇନ ମୁତାବକ ଜନସାଧାରଣଙ୍କ ହିତପାଇଁ ନିରପେକ୍ଷ ଭାବେ କାର୍ଯ୍ୟ କରିବା ସହ ଲାଞ୍ଚ ଗ୍ରହଣ ନ କରିବା ପାଇଁ ଶପଥପାଠ ହୋଇଥିଲା । ଏଥିରେ ପୁରୁଷୋତ୍ତମ ଦାସ, ନିର୍ମଳ ମହାରଣା, ପ୍ରିୟଦର୍ଶନୀ ଦେଓ, ସୁସ୍ମିତା ଦାସ, ଦୀନବନ୍ଧୁ ରଥ, ସହକାରୀ ଜିଲାପାଳ ସର୍ମିଷ୍ଠା ମହାଳି ଓ ସୋନମଦାସ ପ୍ରମୁଖ ଯୋଗ ଦେଇଥିଲେ ।

### ବାଇକ-ସ୍କୁଟି ଧକ୍କା, ୩ ଆହତ

ଆଳି, ୨୯।୧୦ (ଡି.ଏନ୍.ଏ.)- ଆଳି-ଭୂଇଁପୁର ରାସ୍ତାର ଏଣ୍ଡୋଳବାଙ୍କଠାରେ ସୋମବାର ବାଇକ-ସ୍କୁଟି ମୁହାଁମୁହିଁ ଧକ୍କା ହୋଇ ଜଣେ ଗୁରୁତର ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ଅପରାହ୍ନରେ ଆଳି ବ୍ଲକ ଦେସାହି ପଞ୍ଚାୟତର ଗ୍ରାମରୋଜଗାର ସେବକ ସ୍ମୃତିରେଖା ପତି ଓ ପାଳିମି ପଞ୍ଚାୟତର ଗ୍ରାମ ରୋଜଗାର ସେବକ ନିବେଦିତା ପଣ୍ଡା ଏକ ସ୍କୁଟିରେ ଆଳି ବ୍ଲକ କାର୍ଯ୍ୟାଳୟକୁ ଏକ ମିଟିଂରେ ଯୋଗଦେବାକୁ ଆସୁଥିଲେ। ଏହି ସମୟରେ ଆଳି ପଟୁ ଏକ ବାଇକ୍‌ରେ ଅରଗଳ ପଞ୍ଚାୟତର ଦୀପକ ନାୟକ ଆସୁଥିଲେ। ଏଣ୍ଡୋଳ ବାଙ୍କ ନିକଟରେ ଉଭୟଙ୍କ ମଧରେ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଆହତ ଅବସ୍ଥାରେ ୩ ଜଣଙ୍କୁ ଉଦ୍ଧାର କରି ଆଳି ମେଡିକାଲକୁ ନେଇଥିଲେ। ଦୀପକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସ୍ମୃତିରେଖାଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବା ବେଳେ ନିବେଦିତାଙ୍କ ଶରୀରରେ ଗଭିର କ୍ଷତ ହୋଇଛି।

### ବେଆଇନ ମଦ ବିକ୍ରିକୁ ବିରୋଧ

କେନ୍ଦ୍ରାପଡା ଅଫିସ, ୨୯।୧୦- ବେଆଇନ ମଦ ବିକ୍ରିକୁ ବିରୋଧ କରି ପଟ୍ଟାମୁଣ୍ଡାଇ ଥାନା ଶ୍ରୀରାମପୁର ଦଳିତ ବସ୍ତିର ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମା' ରାମଚଣ୍ଡୀ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାମାନେ ସୋମବାର ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି । ଏସମ୍ପର୍କରେ ଅଭିଯୋଗକାରିଣୀ ଲିଲି ମଲ୍ଲିକ କହିଛନ୍ତି ଯେ, ଗ୍ରାମର ୨ ଜଣ ବ୍ୟକ୍ତି ବେଆଇନ ଭାବରେ ମଦ ବିକ୍ରି କରୁଛନ୍ତି । ଯାହା ଫଳରେ ଗ୍ରାମରେ ବିଶୃଙ୍ଖଳା ସୃଷ୍ଟି ସହ ଶାନ୍ତ ପରିବେଶ ନଷ୍ଟ ହେଉଛି । ଏଥିଯୋଗୁ ପୋଲିସ ଏବଂ ପ୍ରଶାସନ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାଲାଗି ଉଭୟ ସ୍ୱୟଂ ସହାୟିକା ଗୋଷ୍ଠୀପକ୍ଷରୁ ଆବେଦନ କରାଯାଇଛି । ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ୨ମହିଳା ଗୋଷ୍ଠୀର ସଦସ୍ୟା ବର୍ଷା ମଲିକ, ସୁଚିତ୍ରା ମଲିକ, ଲତା ମଲିକ, ବିଦୁଲତା ମଲିକଙ୍କ ସମେତ ୨୦ରୁ ଉର୍ଦ୍ଧ ମହିଳା ସାମିଲ ହୋଇଥିଲେ ।

### ୧୯୭୭ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

ମାର୍ଶାଘାଇ, ୨୯।୧୦ (ଡି.ଏନ୍.ଏ.) ମାର୍ଶାଘାଇସ୍ଥିତ ପିଏନଏସ ଇଞ୍ଜିନିୟରିଂ ସ୍କୁଲ ପରିସରରେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୭ ବ୍ୟାଚ୍ ଛାତ୍ରମାନଙ୍କ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଧ୍ରୁବକିଶୋର ନାୟକ ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ଦିବଂଗତ ଶିକ୍ଷକ ସଦାନନ୍ଦ ରାଉତଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ଏ. ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ମୋ ବିଦ୍ୟାଳୟ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଅଧାପକ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାରେ ଆଇନଜୀବୀ ବାଦଲ ଚନ୍ଦ୍ର ରାୟ, ନବୀନ କିଶୋର ବେହେରା, ସୋମନାଥ ବେଉରା, ଦେବେନ୍ଦ୍ରନାଥ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜେନ୍ଦ୍ର ପ୍ରସାଦ ଦାସ, ପ୍ରମୋଦ କୁମାର ଜତି, ବିଜୟ କୁମାର ବେହେରା, ଧୀରେନ କୁମାର ବେହେରା, ଅକ୍ଷୟ ବେହେରା, ପ୍ରଫୁଲ୍ଲ ସେଠୀ, ବିଜନ କୁମାର ବସନ୍ତିଆ, ଦୁର୍ଯ୍ୟୋଧନ ରାଉତ, ପଞ୍ଚାନନ ରାଉତ, ଶ୍ରୀଧର ରାଉତ, ପ୍ରଦୀପ୍ତ କୁମାର ଦାଶ, ସୁରେଶ କୁମାର ଚୌଧୁରୀ, ଫକୀର ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ

# ମୁକାବିଲା ପାଇଁ ଜନ ସଚେତନତା ଆବଶ୍ୟକ

କେନ୍ଦ୍ରାପଡା ଅଫିସ, ୨୯।୧୦

ଜନ ସଚେତନତା ବଳରେ ପ୍ରାକୃତିକ ବିପର୍ଯ୍ୟୟକୁ ସହଜରେ ମୁକାବିଲା କରିହେବ । ଏଥିପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ଓ ଜିଲା ପ୍ରଶାସନ ସର୍ବଦା ଚେଷ୍ଟା ଜାରି ରଖିଛନ୍ତି ବୋଲି ସୋମବାର ଜିଲା ବିପର୍ଯ୍ୟୟ ପ୍ରସ୍ତୁତି ଦିବସରେ ଯୋଗଦେଇଥିବା ଅତିଥିମାନେ ମତ ଦେଇଛନ୍ତି । ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭା ଗୃହରେ ଏଥିପାଇଁ ଆୟୋଜିତ ସଭାରେ ଜିଲା ଜରୁରିକାଳୀନ ଅଧିକାରୀ ନମିତା ବାରିକ ଅଧକ୍ଷତା କରିଥିଲେ । ଏଥିରେ ଜିଲା ପରିଷଦ ଅଧକ୍ଷ ମାନସ କୁମାର ପରିଡା, ଜିଲାପାଳ ଦାଶରଥି ଶତପଥୀ, ଏଏସପି ଅରୁଣ କୁମାର ଜେନା, ପିଡି ଦିଲୀପ କୁମାର ପରିଡା, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ପ୍ରକାଶ କରିଥିଲେ ଯେ, କେନ୍ଦ୍ରାପଡା ଜିଲାକୁ ବାତ୍ୟା ପ୍ରବଣ ଅଞ୍ଚଳଭାବେ ରାଜ୍ୟ ଓ କେନ୍ଦ୍ର ସରକାର ଚିହ୍ନଟ କରିଛନ୍ତି । ଏଥିପାଇଁ ଅତ୍ୟାଧୁନିକ ମେଶିନ ଲଗାଯାଇ ସତର୍କତାମୂଳକ ସୂଚନା ବାର୍ତ୍ତା ନିମନ୍ତେ ବ୍ୟବସ୍ଥା ହୋଇଛି। ୧୯୯୯ ମହାବାତ୍ୟା ପରଠାରୁ ପ୍ରାକୃତିକ ବିପର୍ଯ୍ୟୟରେ ମଣିଷର ସର୍ବନିମ୍ନ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଛି । ଏନେଇ ଜିଲାର ବହୁ ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିବା ବେଳେ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯାଉଛି । ମକ୍‌ଡ୍ରିଲ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି । ରାଜ୍ୟରେ ଓସଡ଼ମା, ଏନଡ଼ିଆରଏଫ ସେବା ସହ ରେଡ଼କ୍ରସକୁ ମଜଭୁତ୍ କରାଯାଇଛି । ଏସବୁ ସତ୍ତ୍ୱେ ଜିଲାର ଯୁବବର୍ଗ, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ବିପର୍ଯ୍ୟୟ ସମୟରେ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ସତର୍କତାମୂଳକ କାର୍ଯ୍ୟ କଲେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିହେବ। ଏହି ଅବସରରେ ଜିଲା ଜରୁରିକାଳୀନ ଅଧିକାରୀ ବାରିକ ଜିଲାରେ ଘଟି ଯାଇଥିବା ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ମହାବାତ୍ୟାର ମୃତ ବ୍ୟକ୍ତିଙ୍କ ଅମର ଆତ୍ମାକୁ ସ୍ମରଣ କରି ଦୁଇମିନିଟ ନୀରବ ପାର୍ଥନା କରାଯାଇଥିଲା । ଏଥିସହ ଆଗାମୀ ବିପର୍ଯ୍ୟୟ ସମୟରେ ସହଯୋଗ ପାଇଁ ଶପଥ ପାଠ କରାଯାଇଥିଲା। କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ମକ୍‌ଡ୍ରିଲ କରାଯାଇଥିଲା । ପୂର୍ବାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସେହିପରି କେନ୍ଦ୍ରାପଡା ବ୍ଲକସ୍ଥିତ ଆଳି ଜଙ୍ଗା ଯୁବ ସଂଗଠନ ପକ୍ଷରୁ ଏହି ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ମହାନ୍ତି, ଚିନ୍ମୟ ମହାନ୍ତି, ଜ୍ଞାନରଞ୍ଜନ ସ୍ୱାଇଁ, କୈଳାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ ।

# ମାଉସୀ ଘର ଆଗରେ ଝିଅାରୀ ଉପରେ ଚଢ଼ିଗଲା ସ୍କର୍ପିଓ

ରାଜନଗର, ୨୯।୧୦ (ଡି.ଏନ୍.ଏ.)

ମାଉସୀ ଘର ଆଗରେ ଠିଆ ହୋଇଥିବା ବେଳେ ୭ବର୍ଷର ଝିଅ ଉପରେ ଚଢ଼ିଗଲା ସ୍କର୍ପିଓ। ବେପରୁଆ ଗାଡ଼ି ଚାଳନା ଯୋଗୁ ଶିଶୁର ଜୀବନ ଯାଇଥିବା ବେଳେ ଏହି ଖବର ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି।

ରାଜନଗର ବ୍ଲକ ପଞ୍ଚୁପଲ୍ଲୀ ଗ୍ରାମର ସୁଶାନ୍ତ ନାୟକଙ୍କ ଝିଅ ମାମୁନି (୭) ତାଳଚୁଆସ୍ଥିତ ତାଙ୍କ ମାଉସୀ ଘରକୁ ବୁଲିବାକୁ ଯାଇଥିଲେ। ସୋମବାର ସକାଳେ ସେ ମାଉସୀ ଘର ସମ୍ମୁଖ ରାସ୍ତା କଡ଼ରେ ଠିଆ ହୋଇଥିବା ବେଳେ ଏକ ସ୍କର୍ପିଓ (ନଂ.-ଓଡି-୨୯ଇ-୬୨୩୭) ତାଙ୍କୁ ଧକ୍କା ଦେଇଥିଲା। ମାମୁନି ତଳେ ପଡ଼ିଯିବା ପରେ ଗାଡିଟି ତାଙ୍କ ଅଣ୍ଟା ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ମାମୁନିଙ୍କ ମା'କାବେରୀ ନାୟକ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ସ୍କର୍ପିଓ ଡ୍ରାଇଭର ବେପରୁଆ ଭାବେ ଗାଡ଼ି ଚଳାଇ ଆସୁଥିବା ବେଳେ ମାମୁନିଙ୍କୁ ଧକ୍କା ଦେଇଥିଲେ। ପୋଲିସ ଏ ନେଇ ୧୮୪/୧୮ନଂ.ରେ ଏକ ମାମଲା ରୁଜୁ କରିଛି। ଏଥିସହ ଘଟଣାସ୍ଥଳରେ ପହଞ୍ଚି ସ୍କର୍ପିଓ ଜବତ କରିବା ସହ ଡ୍ରାଇଭର ପ୍ରଫୁଲ୍ଲ ସେଠୀଙ୍କୁ ଗିରଫ କରାଯାଇଥିବା ଆଇଆଇସି ସୁକାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଲୋକଙ୍କ ନିକଟତର ହେଉଛନ୍ତି ରାଜନେତା

ଡେରାବିଶ, ୨୯।୧୦ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳରେ ମା' ଗଜଲକ୍ଷ୍ମୀଙ୍କ ପୂଜାର ୬ଷ୍ଠ ଦିବସରେ କୋହଲା ପାଗ ସତ୍ତ୍ୱେ ସବୁ ପୂଜା ମଣ୍ଡପ ନିକଟରେ ପ୍ରବଳ ଭିଡ଼ ଜମୁଛି। କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ ପରିଚିତ ଚାନ୍ଦୋଳ ବଜାରରେ ୨୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ସବୁଠି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବଜାର କମିଟି ଓ ସଦର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ତେବେ ବିଭିନ୍ନ ଜନ ଗହଳି ସ୍ଥାନରେ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ରାଜନୈତିକ ବ୍ୟକ୍ତି ବିଶେଷ ଲୋକଙ୍କ ନିକଟତର ହେଉଥିବା ଦେଖାଯାଉଛି। ଆଶାୟୀ ପ୍ରାର୍ଥୀମାନେ ଲୋକଙ୍କୁ ଭେଟି ସୁବିଧା ଅସୁବିଧା ସମ୍ପର୍କରେ ମଧ ପଚାରୁଛନ୍ତି। ଅପରପକ୍ଷେ ପ୍ରତି ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଡ୍ୟାନ୍ସ ପ୍ରୋଗ୍ରାମ ଅନୁଷ୍ଠିତ ହେଉଥିବା ବେଳେ ଲୋକମାନେ ଏହାକୁ ଖୁବ୍ ଉପଭୋଗ କରୁଛନ୍ତି। କେନ୍ଦ୍ରାପଡ଼ା ଜିଲା ସମେତ କଟକ ଜିଲାର ବହୁ ଲୋକ ଗଜଲକ୍ଷ୍ମୀ ପୂଜା ବୁଲିବାକୁ ଚାନ୍ଦୋଳ ଆସୁଛନ୍ତି। ଘରକରଣା ସାମଗ୍ରୀ, ଫାଷ୍ଟଫୁଡ୍, ଗୁପଚୁପ୍ ଓ ଚାଟ୍ ସହ ଅନ୍ୟାନ୍ୟ ଦୋକାନରେ ମହିଳାଙ୍କ ଭିଡ଼ ଅଧିକ ପରିଲକ୍ଷିତ ହେଉଛି। ତେବେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ କର୍ମୀମାନଙ୍କ ସହ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ମଣ୍ଡପ ବୁଲି ଦର୍ଶନ କରୁଛନ୍ତି। ସୋମବାର ସନ୍ଧ୍ୟାରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ସମର୍ଥକଙ୍କ ସହ ସମସ୍ତ ପୂଜା ମଣ୍ଡପ ଦର୍ଶନ କରିଥିଲେ। ବିଧାୟକଙ୍କ ସହ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ଗୋଲକ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ।


ଦଳୀୟ କର୍ମୀଙ୍କ ସହ ବିଧାୟକ ବେଦପ୍ରକାଶ ଅଗ୍ରୱାଲ ପୂଜାମଣ୍ଡପ ପରିଦର୍ଶନ କରୁଛନ୍ତି।

**ଗଜଲକ୍ଷ୍ମୀ ପୂଜାର ଷଷ୍ଠ ସନ୍ଧ୍ୟା**

■ ମିଳିତ ଜନଶୁଣାଣି ଶିବିର

# ୧୪୯ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

ଆଳି, ୨୯।୧୦(ଡି.ଏନ.ଏ)

ଆଳି ବ୍ଲକ ସଭାଗୃହରେ ସୋମବାର କେନ୍ଦ୍ରାପଡା ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୧୫୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୧୪୯ ଅଭିଯୋଗ ଶୁଣାଣି କରାଯାଇଥିଲା। ଶିବିରରେ ଜିଲାପାଳ ଦାଶରଥି ଶତପଥୀ, ଏସ୍‌ପି ନୀତି ଶେଖର, ପିଡି ଦିଲୀପ ପରିଡା, ସିଡିଏମ୍‌ଓ ବୈଷ୍ଣବ ଚରଣ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଆଳି ବିଡିଓ ଜୟନ୍ତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୩୪ ପଞ୍ଚାୟତର ଲୋକମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଶନକାର୍ଡ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା ସମସ୍ୟା ଆଦି ସମସ୍ୟାର ଶୁଣାଣି ହୋଇଥିଲା। ଶିବିରରେ ସାହୁପଡା ଅଙ୍ଗନୱାଡି କେନ୍ଦ୍ରର କର୍ମଚାରୀ ଦୀର୍ଘଦିନ ହେବ କେନ୍ଦ୍ରକୁ ନ ଆସି ଦରମା ନେବା ବିଷୟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ବହୁ ହିତାଧିକାରୀ ପକ୍କାଘର ନିର୍ମାଣ କରିସାରିଥିଲେ ସୁଦ୍ଧା ସେମାନଙ୍କୁ ବକେୟା ଅର୍ଥ ପ୍ରଦାନ କରାଯାଉ ନଥିବା ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ଅଭିଯୋଗ କରିଥିଲେ। ଦଶିପୁର ପଞ୍ଚାୟତର ଚାଷୀଙ୍କ କୃଷିଋଣ ଛାଡ କରାଇବା ପାଇଁ ସରପଞ୍ଚଙ୍କ ପ୍ରତିନିଧି ରବିନାରାୟଣ ବେହେରା ଦାବି କରିଥିଲେ। କଲମ ବଗିଚାରେ ବୃକ୍ଷ ରୋପଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମେଣ୍ଢପୁର ସରପଞ୍ଚ ପ୍ରତାପ ସାହୁ କହିଥିଲେ। ଭତ୍ତା ପାଇଁ ଆବେଦନ କରିଥିବା ସିଙ୍ଗିରି ପଞ୍ଚାୟତର ସରସ୍ୱତୀ କରଙ୍କୁ ଜିଲାପାଳ ସଙ୍ଗେସଙ୍ଗେ ଭତ୍ତା ପ୍ରଦାନ କରିଥିଲେ।


ଶିବରିରରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

# ଶିଳାନ୍ୟାସ ଫଳକ ଭଙ୍ଗାକୁ ନେଇ ପୃଥକ ମାମଲା, ଜଣେ ଗିରଫ

ଡେରାବିଶ, ୨୯।୧୦ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବେଲାରପୁରଠାରେ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ ଫଳକକୁ ଶନିବାର ରାତିରେ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ରବିବାର ଥାନାରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ସରପଞ୍ଚ ହରିବୋଲ ପଣ୍ଡା ଓ ତାଙ୍କ ସମର୍ଥକ ପ୍ରଶାନ୍ତ ପଣ୍ଡାଙ୍କ ସହ ଅନ୍ୟଜଣେ ବ୍ୟକ୍ତି ଉକ୍ତ ଫଳକକୁ ଭାଙ୍ଗିବା ସହ ଷ୍ଟାଣ୍ଡ ପୋଷ୍ଟରେ ଫଳକ ଲଗା କାର୍ଯ୍ୟରେ ନିୟୋଜିତ ଥିବା ବେଲାରପୁର ଗ୍ରାମର ବାସୁଦେବ ଦାସଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ବାସୁଦେବ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୪୯/୧୮ନଂ.ରେ ମାମଲା ରୁଜୁ କରିଛି।

ଅପରପକ୍ଷେ ବାସୁଦେବଙ୍କ ନାମରେ ସରପଞ୍ଚ ପଣ୍ଡା ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସରପଞ୍ଚ ପଣ୍ଡା ଶନିବାର ସନ୍ଧ୍ୟାରେ ବେଲାରପୁର ତାରିଣୀ ଛକଠାରେ ବାଇକ୍ ରଖି କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ଦେଖିବାକୁ ଯାଇଥିଲେ। ସେଠାରୁ ରାତି ୧୧ଟାରେ ଫେରି ବାଇକ୍ ନେବା ସମୟରେ ବାଦେବଙ୍କ ସମେତ ୪ଜଣ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ତାଙ୍କର ଦାନ୍ତ ଭାଙ୍ଗି ଯାଇଥିବା ସରପଞ୍ଚ ପଣ୍ଡା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ୧୫୦/୧୮ନଂ.ରେ ଏକ ମାମଲା ରୁଜୁ କରିଛି। ତେବେ ବାସୁଦେବଙ୍କ ଅଭିଯୋଗ ଆଧାରରେ ଫଳକ ଭଙ୍ଗାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ପ୍ରଶାନ୍ତ କୁମାର ସାହୁଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି।



୧୯୯୯ ମହାବାତ୍ୟା ସ୍ମୃତି ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପେଣ୍ଠ ବେଳାଭୂମିଠାରେ ବାଲୁକାଶିଳ୍ପୀ ଶ୍ରୀକାନ୍ତ ଦାସଙ୍କ ବାଲୁକା କଳା।

■ ମହାବାତ୍ୟାକୁ ପୂରିଲା ୧୯ ବର୍ଷ

# ମିଳିନାହିଁ କ୍ଷତିପୂରଣ, କାମରେ ଆସୁନି ମୃତ୍ୟୁ ପ୍ରମାଣ ପତ୍ର

ମହାକାଳପଡା, ୨୯।୧୦ (ଡି.ଏନ.ଏ.)

୧୯୯୯ ମହାବାତ୍ୟାକୁ ଇତିମଧ୍ୟରେ ୧୯ ବର୍ଷ ପୂରିଛି। ମାତ୍ର ଅକ୍ଟୋବର ୨୮ର ସେହି କରାଳ ସ୍ମୃତି ଏବେବି ଲୋକଙ୍କ ମନରେ ଜୀବିତ ହୋଇରହିଛି। ମହାବାତ୍ୟାର ତାଣ୍ଡବରେ କିଏ ନିଜର ପରିବାର ଲୋକଙ୍କୁ ହରାଇଥିବା ବେଳେ ଆଉ କାହାର ସମସ୍ତ ଧନସମ୍ପତ୍ତି ନଷ୍ଟ ହୋଇଯାଇଛି। ଏହି ହୃଦୟ ବିଦାରକ ଦୃଶ୍ୟକୁ ଅଙ୍ଗେ ନିଭାଇଥିବା ଲୋକେ ଭୁଲିପାରିନଥିବା କହୁଥିବା ବେଳେ ବହୁ କ୍ଷତିଗ୍ରସ୍ତ ଲୋକଙ୍କୁ ଏବେବି ସରକାରୀ ସହାୟତା ମିଳି ପାରି ନଥିବା ଅଭିଯୋଗ ହୋଇଛି। ଏହି ସମୟରେ ପରିବାର ଲୋକଙ୍କୁ ହରାଇ ଅସହାୟ ହୋଇପଡିଥିବା ଲୋକେ ସରକାରୀ ସାହାଯ୍ୟ ନ ପାଇ ଗୁମୁରି କାନ୍ଦୁଥିବା ବେଳେ ତାଙ୍କ ଦୁଃଖ ଶୁଣିବାକୁ କେହିନାହାନ୍ତି। ମହାବାତ୍ୟା ସମୟରେ କେନ୍ଦ୍ରାପଡା ଜିଲାର ରାଜନଗର ଓ ମହାକାଳପଡା ବ୍ଲକ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ମହାକାଳପଡା ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ବରକନ୍ଧା ପଞ୍ଚାୟତ ତେନ୍ତୁଳିକନ୍ଧା ଗ୍ରାମରେ କେବଳ ୨୫ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ବ୍ଲକ ଅନ୍ତର୍ଗତ ଖରିନାସୀ, ସୁନିତି, ଜମ୍ବୁ, ବଡିଘର, ରାମନଗର, ଗୁଆ ଆଦି ପଞ୍ଚାୟତରେ ମଧ ବହୁ ଧନଜୀବନ ହାନି ହୋଇଥିଲା। ଏହି ସମୟରେ ସ୍ୱାମୀ ଓ ପୁଅକୁ ହରାଇ ସୁନିତି ପଞ୍ଚାୟତର ଅନ୍ତର୍ଗତ ସୁନିତି ଗ୍ରାମର ପାରୁଲ ମାଇତି(୬୩) ଅସହାୟ ହୋଇପଡିଛନ୍ତି। ଇତିମଧରେ ୧୯ ବର୍ଷ ବିତିଯାଇଥିଲେ ମଧ ତାଙ୍କୁ ବିଧବା ଭତ୍ତା ବ୍ୟତୀତ ଅନ୍ୟ କୌଣସି ସରକାରୀ ସହାୟତା ମିଳି ପାରିନାହିଁ ବୋଲି ସେ କହିଛନ୍ତି। ଏପରିକି ସ୍ୱାମୀ ଓ ପୁଅର ମୃତ୍ୟୁଜନିତ ପ୍ରମାଣ ପତ୍ର ମିଳିପାରି ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସେ ମହାବାତ୍ୟାର ସ୍ମୃତିକୁ ମନେପକାଇ କହନ୍ତି ଯେ, ସେତେବେଳେ ଜଗତସିଂହପୁର ଜିଲାର ଏରସମା ବ୍ଲକ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହି ସମୟରେ ସ୍ୱାମୀ ମଣ୍ଟୁ କୁମାର ମାଇତି ଓ ପୁଅ ବିବେକ ଉକ୍ତ ବ୍ଲକର ଗଡବିସନପୁର ପଞ୍ଚାୟତ ଅନ୍ତର୍ଗତ ନଳଭେଡିଗାଁରେ ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ବନ୍ଧୁ ଘରେ ଥିବା ସମୟରେ ଉଭୟ ବାପ ଓ ପୁଅଙ୍କୁ ସାମୁଦ୍ରିକ ଜୁଆର ଭସାଇ ନେଇଥିଲା। ସେମାନଙ୍କ ମୃତ୍ୟୁ ପରେ ଜଗତ୍‌ସିଂହପୁର ଜିଲା ପକ୍ଷରୁ ସ୍ୱାମୀ ଓ ପୁଅର ମୃତ୍ୟୁର ପ୍ରମାଣପତ୍ର ପାଇଁ ପାରୁଲ କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲା ପ୍ରଶାସନ ନିକଟରେ ବାରମ୍ବାର ଆବେଦନ କରି ଶେଷରେ ବହୁ କଷ୍ଟରେ ପାଇଥିଲେ। ମାତ୍ର ଏହି ପ୍ରମାଣ ପତ୍ର ମିଳିବା ପରେ ମଧ ଏଯାଏଁ ତାଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ମିଳିପାରି ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ମହାବାତ୍ୟା ସ୍ମୃତି ସମ୍ପର୍କରେ ବ୍ଲକ ଅନ୍ତର୍ଗତ ବଗଗହନ ଗ୍ରାମର ସୌଦାମିନୀ ମାଇତି କହିଛନ୍ତି ଯେ, ତାଙ୍କର ବିବାହ ବଡିଘର ପଞ୍ଚାୟତରେ ହୋଇଥିଲା। ମହାବାତ୍ୟା ସମୟରେ ସେ ଏରସମା ବ୍ଲକସ୍ଥିତ ମାମୁଘରକୁ ଯାଇଥିଲେ। ଅକ୍ଟୋବର ୨୯ ସକାଳୁ ବର୍ଷା ସହ ପବନ ଆରମ୍ଭ ହୋଇଥିଲା। ପରେ ନିକଟସ୍ଥ ସମୁଦ୍ରରୁ ପ୍ରାୟ ୨୦ ଫୁଟ ଉଚ୍ଚର କଳା ଜୁଆର ମାଡି ଆସି ମାମୁ ଘରକୁ ଦୋହଲାଇ ଦେଇଥିଲା। ମାମୁଙ୍କ ପରିବାର ଓ ସୌଦାମିନୀ ଭୟଭୀତ ହୋଇ ଘରର ଚାଳ ଛପର ଉପରେ ଚଢ଼ିଯାଇଥିଲେ। ମାତ୍ର ହଠାତ୍ ସମୁଦ୍ର ଜୁଆରରେ ମାଇଁ କୁଆଡେ ନିଖୋଜ ହୋଇଯାଇଥିଲେ। ଏଥିସହ ଚାଳଘର ଭାସିଯିବାରୁ ସେମାନେ ନିକଟରେ ଥିବା ଏକ ନିମ୍ବ ଓ ଆକାଶିଆ ଗଛକୁ ଜାବୁଡି ଧରି ଜୀବନ ରକ୍ଷା କରିବାକୁ ଉଦ୍ୟମ କରିଥିଲେ। ଏଭଳି ଭାବେ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଗଛରେ ରହି ସେମାନେ ଜୀବନ ବଞ୍ଚାଇଥିଲେ। ସମୁଦ୍ର ପାଣି କମିବା ପରେ ଧୀରେ ଧୀରେ ଶୁଖିଲା ସ୍ଥାନକୁ ଆସିଥିଲେ। ମାତ୍ର କୌଣସି ଖାଦ୍ୟ ନ ପାଇ ଭୋକଉପାସରେ ଛଟପଟ ହୋଇଥିଲେ। ପ୍ରାୟ ୫ ଦିନ ପରେ ହେଲିକପ୍ଟର ଯୋଗେ ଶୁଖିଲା ଖାଦ୍ୟ ସେଠାରେ ପହଞ୍ଚିବା ପରେ ପେଟକୁ ଦାନ ମୁଠାଏ ଯାଇଥିଲା ବୋଲି ସେ କହନ୍ତି। ଏହି ସ୍ମୃତି କେବବି ଭୁଲି ପାରିବେ ନାହିଁ ବୋଲି ସୌଦାମିନୀ କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ଦାଶରଥୀ ଶତପଥୀ କହିଛନ୍ତି ସୁନିତି ଗ୍ରାମର ପାରୁଲଙ୍କ ପରିବାର ସମ୍ପର୍କରେ ପୂର୍ବରୁ ତାଙ୍କ ପାଖରେ କୌଣସି ସୂଚନା ନ ଥିଲା। ତଦନ୍ତ ପରେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।


ପାରୁଲ ମାଇତି।

## ସଂକ୍ଷେପରେ

### ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକ

**ବିରିଡ଼ି,୨୯।୧୦(ଡି.ଏନ.ଏ.):** ବିରିଡ଼ି ବ୍ଲକ ଅଣଖିଆଠାରେ ଥିବା ସେଞ୍ଚୁରିଆନ ଗ୍ରାମତରଙ୍ଗ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରର ନିଯୁକ୍ତି ଓ କୌଶଳ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଏହି ମେଳାକୁ ଦେଶର ନାମୀଦାମୀ କମ୍ପାନୀମାନଙ୍କୁ ନିମନ୍ତ୍ରଣ କରାଯାଇଛି। ବିଶେଷକରି ଅନ୍ନପୂର୍ଣ୍ଣା ମାଇକ୍ରୋଫାଇନାନ୍ସ, ଆରଆର ଏଣ୍ଟରପ୍ରାଇଜର୍ସ, ବାଙ୍ଗାଲୋରର ଜୟଭାରତ ମାରୁତି କମ୍ପାନୀର କର୍ତ୍ତୃପକ୍ଷ ଉପସ୍ଥିତ ରହି ତାଲିମପ୍ରାପ୍ତ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ଚୟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଗ୍ରାମତରଙ୍ଗର ନର୍ଦେଶକ ଦେବାଶିଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଅଣଖିଆ କେନ୍ଦ୍ରର ପରିଚାଳକ ଦେବେନ୍ଦ୍ର ସାହୁ, ରମଣୀରଞ୍ଜନ ମିଶ୍ର, ସୁରେନ୍ଦ୍ର କୁମାର ସାହୁ ଓ ଅନ୍ୟ ସଭ୍ୟ ଉପସ୍ଥିତ ଥିଲେ। ଆସନ୍ତା ୧ ତାରିଖ ଗୁରୁବାର ନିଯୁକ୍ତି ମେଳା ଓ ୨ତାରିଖ ଶୁକ୍ରବାର କୌଶଳ ମେଳା ଅନୁଷ୍ଠିତ ହେବ ବୋଲି ପରିଚାଳକ ସାହୁ ସୂଚନା ଦେଇଛନ୍ତି।

### ଜଗତ୍‌ସିଂହପୁର ସବ୍‌ଜେଲରେ କ୍ୟାମ୍ପ କୋର୍ଟ

**ଜଗତ୍‌ସିଂହପୁର ଅଫିସ,୨୯।୧୦:** ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଳିପିଙ୍ଗଳଠାରେ ଥିବା ସବ୍‌ଜେଲରେ ସୋମବାର କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଛି। ଜଗତ୍‌ସିଂହପୁର ଜିଲା ଜଜ୍‌ଙ୍କ ତତ୍ତ୍ୱାବଧାନରେ ସିଭିଲ କୋର୍ଟ ରେଜିଷ୍ଟ୍ରାର, ଆସିଷ୍ଟାଣ୍ଟ୍ ସେଶନ ଜଜ୍(ମହିଳା), ଏସ୍‌ଜେଏମ୍ ଜଗତ୍‌ସିଂହପୁର ଏବଂ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣଙ୍କ ଦ୍ୱାରା ପରାଲିଗାଲ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ମୋଟ୍ ୩୨ଜଣ ମୁଦାଲାଙ୍କ ଜାମିନ ମଞ୍ଜୁର ହେବା ସହିତ ସେମାନେ ଜେଲରୁ ମୁକୁଳିଛନ୍ତି। ପ୍ରକାଶଯୋଗ୍ୟ, ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜଗତ୍‌ସିଂହପୁର ଜିଲା କୋର୍ଟର କୌଣସି ଶୁଣାଣି ହୋଇ ପାରି ନ ଥିଲା। ବିଚାରାଧୀନ କଏଦୀ ଜାମିନ ଶୁଣାଣିରୁ ବଞ୍ଚିତ ହୋଇ ଆସୁଥିଲେ।

### ୪ ଟର୍ମିନାଲ ବିରୋଧରେ ବିଜେଡିର ଆନ୍ଦୋଳନ ଡାକରା

**ପାରାଦୀପ,୨୯।୧୦(ସ୍ୱ.ପ୍ର):** ପାରାଦୀପର ବାଉରିଆ ପାଳନ୍ଦାଠାରେ ଥିବା ୩ଟି ତୈଳ ଟର୍ମିନାଲ ଓ ଗୋଟିଏ ଏଲ୍‌ପିଜି ଗ୍ୟାସ୍ ଟର୍ମିନାଲ ବିରୋଧରେ ପାରାଦୀପ ବିଜେଡି ପକ୍ଷରୁ ସୋମବାର ଆନ୍ଦୋଳନ ଡାକରା ଦିଆଯାଇଛି। ଟର୍ମିନାଲ ପାଖରେ ଥିବା ୨ଟି ୱାର୍ଡର ବସ୍ତିର ମୌଳିକ ସମସ୍ୟା ସମାଧାନ ଓ ମୁଖ୍ୟ ଟର୍ମିନାଲ ରାସ୍ତା ମରାମତି ସମେତ ୭ଟି ପ୍ରସଙ୍ଗ ଦଳ ଉଠାଇଛି। ୪ ଟର୍ମିନାଲ ଆସନ୍ତା ୧୫ଦିନ ମଧ୍ୟରେ ଏନେଇ ପଦକ୍ଷେପ ନେବାକୁ କୁହାଯାଇଛି। ନଚେତ ତୀବ୍ର ଆନ୍ଦୋଳନ ହେବ ବୋଲି ବିଜେଡି ସଂଗଠନ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, କାଉନ୍‌ସିଲର ପ୍ରତିମା ମିଞ୍ଜ, ରଶ୍ମିତା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ରାସ୍ତା ମରାମତି କଲେ ୩ ଟ୍ରକ୍ ମାଲିକ ସଂଘ



**ପାରାଦୀପ,୨୯।୧୦(ସ୍ୱ.ପ୍ର):** ପାରାଦୀପ-ଚଣ୍ଡିଖୋଲ ୫ନଂ.(କ) ଜାତୀୟ ରାଜପଥରେ ଏବେ ଅଧିକାଂଶ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏପରିକି ଅଠରବାଙ୍କୀଠାରୁ ଦୋଛକି ପର୍ଯ୍ୟନ୍ତ ୪.୫ କିମି ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ହୋଇଛି। ସେହି ସବୁ ଖାଲଖମାରେ ଭାରିଯାନ ଚଳାଚଳ ବେଳେ ଗାଡ଼ିର ବହୁ ଯନ୍ତ୍ରାଂଶ ଭାଙ୍ଗିଯାଉଛି। ଗାଡ଼ିରୁ ପଣ୍ୟ ଖସି ରାସ୍ତାରେ ପଡୁଛି। ସେହି ସ୍ଥାନରେ ବାଇକ୍ ଓ ଅନ୍ୟ ଗାଡ଼ି ଚାଳକଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ରାସ୍ତା ମରାମତି ପାଇଁ ଟ୍ରକ୍ ମାଲିକ ସଂଘ, ବିଜୁ ଜନତା ଦଳ କର୍ମକର୍ତ୍ତା, ଜିଲା ପ୍ରଶାସନ ଓ କେତେକ ସାମାଜିକ ସଂଗଠନ ଏକାଧିକ ଥର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଜଣାଇଲେଣି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ପାରାଦୀପର ୩ଟି ଟ୍ରକ୍ ମାଲିକ ସଂଘ ପକ୍ଷରୁ ଟର୍ମିନାଲ ଛକରେ ଖାଲଖମା ମରାମତି କରାଯାଇଛି। ପାରାଦୀପ ଜଗନ୍ନାଥ ଓ ଜଗତ୍‌ସିଂହପୁର ଜିଲା ଟ୍ରକ ମାଲିକ ସଂଘକୁ ନେଇ ଗଠିତ ଜେସିସି ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ କିଛିଟା ମରାମତି କରାଯାଇଛି। ଆଗାମୀ ଦିନରେ ଦୋଛକି ପର୍ଯ୍ୟନ୍ତ ରାସ୍ତାରେ ଆଉ କିଛି ସ୍ଥାନ ମରାମତି କରାଯିବ ବୋଲି କୁହାଯାଇଛି।

---

■ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

# ଏକତ୍ରିତ ହୋଇ କାର୍ଯ୍ୟ କଲେ ମୁକାବିଲା ସମ୍ଭବ

**ଜଗତ୍‌ସିଂହପୁର ଅଫିସ,୨୯।୧୦**



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଛି। ଏଥିରେ ଏମ୍‌ପି କୁଳମଣି ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୯୯୯ ମହାବାତ୍ୟାର ସ୍ମୃତିଚାରଣ କରିଥିଲେ। ମହାବାତ୍ୟା ଦିବସକୁ ମନେ ପକାଇବା ଓ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବା ନିମନ୍ତେ ସଚେତନ ରହିବା ପାଇଁ ଏହି ଦିବସ ପାଳନ କରାଯାଉଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଯାମିନୀ ଷଡଙ୍ଗୀ ଅଧ୍ୟକ୍ଷତା କରି କହିଲେ ଯେ ମହାବାତ୍ୟା ପରଠାରୁ ପ୍ରଶାସନ ଅଧିକ ସଚେତନ ହୋଇଛି। ପାଣିପାଗ ବିଭାଗ ବାତ୍ୟା ସମ୍ପର୍କରେ ଆଗୁଆ ସତର୍କ ସୂଚନା ଦେଉଛି। ପୂର୍ବାପେକ୍ଷା ଗମନାଗମନ ଅଧିକ ସୁବିଧା ହୋଇପାରିଛି। ଏନ୍‌ଡିଆରଏଫ୍ ଓ ଓଡ୍ରାଫ୍ ଟିମ୍ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି। ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ଏକତ୍ରିତ ହୋଇ କାର୍ଯ୍ୟ କଲେ ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିହେବ ବୋଲି କହିଥିଲେ। ଜିଲା ଜରୁରୀ ଅଧିକାରୀ ମନୋରମା ଜାଲି କହିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ପ୍ରାକ୍ ସତର୍କ ସୂଚନା ବ୍ୟବସ୍ଥା ଲୋକାର୍ପଣ କରିଛନ୍ତି। ଓଡ଼ିଶାର ୧୨୨ଟି ସ୍ଥାନରେ ଏହି ପ୍ରାକ୍ ସୂଚନା ବ୍ୟବସ୍ଥା ରହିଛି। ଜଗତ୍‌ସିଂହପୁର ଜିଲା ସଦର ମହକୁମା, ବାଲିକୁଦା, ଏରସମା, କୁଜଙ୍ଗ ବ୍ଲକ ଅଫିସ, ବନ୍ଦର ମେରାଇନ୍ ଥାନା, ବାଲିଜୋରୀ ଏମ୍‌ସିଏସ୍, ଦଣ୍ଡାବେଦୀ, ପୋଲାଙ୍ଗ ୟୁପି ସ୍କୁଲ, ପାରାଦୀପ

■ମହାବାତ୍ୟା ପରେ ବଦଳିଛି ଗମନାଗମନ ଓ ସତର୍କତା ବ୍ୟବସ୍ଥା

■ମକଡ୍ରିଲ୍ ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ଫିସେରି ହାର୍ବର, ସିଆଇଏସ୍‌ଏଫ୍ ବିଲ୍ଡିଂ, ପାରାଦୀପ, ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟ, ଗଡ଼ହରିଶପୁର ନୋଳିଆ ସାହି, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ନୂଆଗଡ଼ ପଞ୍ଚାୟତ, ଡିଙ୍କିଆ, ସାହାଡ଼ାବେଦୀ, ଗୋବିନ୍ଦପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ରାମତରା ଆଶ୍ରୟସ୍ଥଳରେ ଏହି ପ୍ରାକ୍ ସୂଚନା ବ୍ୟବସ୍ଥା ଉପଲବ୍ଧ ହେବ। କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ବଳଭଦ୍ର ବେହେରା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ସୁଭାସ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ଉଚ୍ଚ ଅଟ୍ଟାଳିକାରୁ ଉଦ୍ଧାର କାର୍ଯ୍ୟ, ଯନ୍ତ୍ରଚାଳିତ କରତ ମାଧ୍ୟମରେ ଗଛକଟା, ଲୁହା କଟର ବ୍ୟବହାର, ଗ୍ୟାସ୍ ଦୁର୍ଘଟଣା ସମୟର ସତର୍କତା ସମ୍ପର୍କରେ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ଅତିରିକ୍ତ ଅଗ୍ନିଶମ ଅଧିକାରୀ ତେଜ୍ କୁମାର ଏହାର ନେତୃତ୍ୱ ନେଇଥିଲେ। ଏହାପରେ ଇଫ୍‌କୋ ପକ୍ଷରୁ ଆମୋନିଆ ଗ୍ୟାସ୍ ନିର୍ଗତ ବେଳେ କିଭଳି ଆୟତ କରାଯିବ, ସରସ୍ୱତୀ ଶିଶୁ ମନ୍ଦିର ପିଲାଙ୍କ ଦ୍ୱାରା ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ କିଭଳି ଉଦ୍ଧାର କରାଯିବ ସେ ସମ୍ପର୍କରେ ମକଡ୍ରିଲ କରାଯାଇଥିଲା। ଜନସାଧାରଣଙ୍କ ସଚେତନତା ନିମନ୍ତେ କଲେଜ ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହାକୁ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଆପାଦମିତ୍ର ସଭ୍ୟାସଭ୍ୟାଙ୍କୁ କିଟ୍ ପ୍ରଦାନ କରାଯାଇଥିଲା। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ମହାବାତ୍ୟାରେ ମୃତକଙ୍କ ପାଇଁ ନୀରବ ପ୍ରାର୍ଥନା ଓ ସମୂହ ଦୀପଦାନ କରାଯାଇଥିଲା।

### ଜମୁଛି ଗଜଲକ୍ଷ୍ମୀ ପୂଜା ମହୋତ୍ସବ

**ତିର୍ତ୍ତୋଲ,୨୯।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ନେହେରୁ ବଜାର ଏବଂ ସାମନ୍ତରାପୁର ପଞ୍ଚାୟତ ସିରସ୍ତାରେ ଗଜଲକ୍ଷ୍ମୀ ପୂଜା ଉତ୍ସବ ମହାସମାରୋହରେ ପାଳିତ ହେଉଛି। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ଶାରଳା ଘଟନୃତ୍ୟ, ବାଦିପାଲା, ଭଜନ ସମାରୋହ, ମେଲୋଡି, ନୃତ୍ୟ ପ୍ରତିଯୋଗିତା, ଆଧୁନିକ ନୃତ୍ୟ ପ୍ରଭୃତି ଆୟୋଜିତ ହେଉଛି। ପୂଜା ମଣ୍ଡପକୁ ସୁଉଚ୍ଚ ତୋରଣ, ରଙ୍ଗବେରଙ୍ଗ ଆଲୋକମାଳରେ ସଜ୍ଜିତ କରାଯାଇଛି। ନେହେରୁ ବଜାର ପୂଜାମଣ୍ଡପରେ ରବିବାର ସନ୍ଧ୍ୟାରେ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା ସଭାପତି ନରହରି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ନୃତ୍ୟ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ସହ ପାଲା ଗାୟକ, ସଙ୍ଗୀତକାର ଏବଂ କଳାକାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ବଟକୃଷ୍ଣ ଦାଶ, ତୃପ୍ତିରଞ୍ଜନ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ସିରସ୍ତାର ମା' ଗଜଲକ୍ଷ୍ମୀଙ୍କ ପୂଜାମଣ୍ଡପ ନିକଟରେ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଆରମ୍ଭ ହୋଇଛି। ଆସନ୍ତା ୩୦ ତାରିଖରେ ଏହି ପ୍ରତିଯୋଗିତା ଶେଷ ହେଉଥିବାବେଳେ ୩୧ ତାରିଖରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ୧ ତାରିଖରେ ଭସାଣୀ ଉତ୍ସବ ଆୟୋଜିତ ହେବ ବୋଲି ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ କୁହାଯାଇଛି।


ବିଭିନ୍ନ ସ୍ଥାନରେ କୃଷକ ଆନ୍ଦୋଳନକୁ ପୋଲିସ ଭଣ୍ଡୁର କରିବା ପ୍ରତିବାଦରେ ସୋମବାର ଜଗତ୍‌ସିଂହପୁର ବଙ୍ଗଳାଛକଠାରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହି ଅବସରରେ ପୋଲିସ ୭୦ ଆନ୍ଦୋଳନକାରୀଙ୍କୁ ଗିରଫ କରି ଛାଡିଛି।

■ ବିଦ୍ୟୁତ ବିଭାଗର ଦାୟିତ୍ୱହୀନତା

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି କୃଷି ଶ୍ରମିକଙ୍କ ମୃତ୍ୟୁ

**ନାଉଗାଁ,୨୯।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକରେ ପୁଣି ଥରେ ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା ଦେଖିବାକୁ ମିଳିଛି। ଏହି ବ୍ଲକ ଅନ୍ତର୍ଗତ ଡେରିକି ପଞ୍ଚାୟତରେ ସୋମବାର ବିଲରେ ଛିଡ଼ି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ କୃଷି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନବରଙ୍ଗପୁର ଜିଲା ଚାରୁଗୁଚା ପଞ୍ଚାୟତ ଝରିଗାଁର ଉଦୟ ସାଆନ୍ତା। ଡେରିକି ଗ୍ରାମର ନିଲୁରାମ ଜେନାଙ୍କ ଚାଷଜମିକୁ ସେ ଔଷଧ ପକାଇବାକୁ ଯାଇଥିଲେ। ଜମି ନିକଟରେ ଥିବା ପମ୍ପ ହାଉସ୍‌ରୁ ତାର ଛିଡ଼ି ତଳେ ପଡ଼ିଥିଲା। ଜମିରେ ଧାନଗଛ ଥିବାରୁ ତାର ଦେଖାଯାଇ ନ ଥିଲା। ତେଣୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉଦୟଙ୍କ ମୃତ୍ୟୁ ଘଟିଲା। ଏଥିରେ ଜମି ମାଲିକ ନିଲୁରାମ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ନାଉଗାଁ ଥାନା ଅଧିକାରୀ ପ୍ରଜ୍ଞାରିତାମ୍ବର କର ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ଉଦୟଙ୍କ ପୁଅ ଓ ସଢୁଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ନାଉଗାଁ ବ୍ଲକ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୃହପାଳିତ ପ୍ରାଣୀ ଓ ଜନସାଧାରଣଙ୍କ ଜୀବନ ହାନୀ ଘଟୁଥିଲେ ମଧ୍ୟ ବିଦ୍ୟୁତ ବିଭାଗର ଚେତାପଶୁନି। ପୁରୁଣା ତାର ଓ ଭଙ୍ଗା ଖୁଣ୍ଟରେ ବିଦ୍ୟୁତ୍ ଯୋଗାଣ ଚାଲିଛି। ଫଳରେ ଅକାଳରେ ଜୀବନ ହାନୀ ଘଟୁଛି। ଅନ୍ୟପକ୍ଷରେ ବାହାର ଜିଲାରୁ କିଏ ଦାଦନ ଶ୍ରମିକଙ୍କୁ ଆଣି ଖଟାଉଛନ୍ତି ବୋଲି ପଚାରିବାରେ ସେମାନେ ଘର ଭଡ଼ା ନେଇ ବିଭିନ୍ନ ସ୍ଥାନକୁ କାମ କରିବାକୁ ଯାଉଥିଲେ ବୋଲି ଥାନା ଅଧିକାରୀ କହିଛନ୍ତି। ସୂଚନା ଅନୁଯାୟୀ, ଏହି ବ୍ଲକର କେତେଜଣ ଲୋକ ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଆଦି ସ୍ଥାନରୁ ଦାଦନ ଶ୍ରମିକଙ୍କୁ ଆଣି ବିଭିନ୍ନ କାର୍ଯ୍ୟରେ ଲଗାଉଛନ୍ତି। ଦାଦନ ଶ୍ରମିକଙ୍କୁ ରଖିବାକୁ ହେଲେ ଲେବର ଲାଇସେନ୍ସ ଦରକାର। କିନ୍ତୁ ଏଠାରେ ସମ୍ପୃକ୍ତ ଲୋକଙ୍କ ପାଖରେ ଲାଇସେନ୍ସ ନାହିଁ। କିଛିଦିନ ପୂର୍ବେ ଧୂଆଁପଦାର ଜଣେ ବ୍ୟକ୍ତିଙ୍କ ଘରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ପୋଲିସକୁ ହାତ କରି ତରବରିଆ ଭାବେ ମୃତଦେହ ଶ୍ରମିକଙ୍କ ଗାଁକୁ ପଠାଇ ଦିଆଯାଇଥିଲା। ଏହା ଦ୍ୱାରା ମୃତ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା ମିଳୁପାରୁ ନ ଥିବାବେଳେ ଦାଦନ ଖଟାଉଥିବା ଲୋକେ ଅନାୟାସରେ ଖସିଯାଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଡେରିକି ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘଦିନ ହେବ ଉଦୟଙ୍କ ସହ ଅନ୍ୟ ଶ୍ରମିକମାନଙ୍କୁ ରଖି ବ୍ୟବସାୟ ଚଳାଇ ଆସୁଥିଲେ। କିନ୍ତୁ ଉଦୟଙ୍କ ମୃତ୍ୟୁ ପରେ ସେ ଖସିଯିବାକୁ ଚେଷ୍ଟା କରୁଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଆନନ୍ଦ ରଞ୍ଜନ ଦାସ କହିଛନ୍ତି ଯେ ଯେଉଁମାନେ ଶ୍ରମିକ ଆଣୁଛନ୍ତି ୫ରୁ ଊର୍ଦ୍ଧ୍ୱ ଶ୍ରମିକ ରଖିଲେ ଲାଇସେନ୍ସ ଆବଶ୍ୟକ। ଏଥିସହ ସରକାରୀ ନିୟମାନୁସାରେ ଶ୍ରମିକଙ୍କୁ ମୁଜୁରୀ ପ୍ରଦାନ କରିବା ଦରକାର। ଏ ସମ୍ପର୍କରେ ଅନୁଧ୍ୟାନ କରାଯିବ।

# ମହାବାତ୍ୟା ସ୍ମୃତିଚାରଣ ଦିବସ

**ତିର୍ତ୍ତୋଲ,୨୯।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଶାଗବାରିଆସ୍ଥିତ ଅମ୍ବିକାଇ ମଣ୍ଡପରେ ତେଜସ୍ୱିନୀ ମହିଳା ସଙ୍ଗଠନ ଓ ଶୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ତରଫରୁ ସୋମବାର ୧୯୯୯ ମହାବାତ୍ୟା ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ବରିଷ୍ଠ ଆଇନଜୀବୀ ବୈଷ୍ଣବ ଚରଣ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ମହାବାତ୍ୟାରେ ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସମୂହ ଦୀପଦାନ କରାଯାଇଥିଲା। ସାହିତ୍ୟିକ କୈଳାସ ପ୍ରଧାନ, ଶୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ବାବଜୀ ମଲ୍ଲିକ, ପ୍ରଦୀପ କୁମାର ଦାସ, ବୈଦ୍ୟନାଥ ସାହୁ, ନୀଳମଣୀ ମଲ୍ଲିକ, ଶ୍ୟାମ ସୁନ୍ଦର ବେହେରା, ଅଶ୍ୱିନୀ କୁମାର ଦାସ, ତେଜସ୍ୱିନୀର ଉପସଭାପତି ହେମନ୍ତ କୁମାର ନାୟକ, ସମ୍ପାଦିକା ଅନ୍ନଦା ମହାନ୍ତି, ଉପଦେଷ୍ଟା ନିବେଦିତା ମହାନ୍ତି, ହେମାଙ୍ଗିନୀ ଦାସ, ମିନତୀ ସାହୁ, ଅନୀତା ଦାସ, ବୈଜୟନ୍ତୀମାଳା ଦାସ, ଶୁକଲତା ବିଶ୍ୱାଳ, ସସ୍ମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତଥିଲେ।

**ଏରସମା,(ସ୍ୱ.ପ୍ର.):** ମହାବାତ୍ୟାର ବିଭିଷୀକାକୁ ମନେ ପକାଇବା ଓ ବିପର୍ଯ୍ୟୟକୁ ମୁକାବିଲା କରିବା ନିମନ୍ତେ ସଜାଗ ରହିବା ପାଇଁ ସୋମବାର ଏରସମା ବ୍ଲକର ବିଭିନ୍ନ ସ୍ଥାନରେ ମହାବାତ୍ୟା ସ୍ମୃତିଚାରଣ ଦିବସ ପାଳିତ ହୋଇଛି। ଏଥିସହ ମହାବାତ୍ୟାରେ ମୃତ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବ୍ଲକ ପରିସରରେ ସମୂହ ଦୀପଦାନ କରାଯାଇଛି। ଏହି ଅବସରରେ ଲୋକନାଥ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବିଡିଓ କୈଳାସ ଚନ୍ଦ୍ର ବେହେରା, ଏମପିଙ୍କ ପ୍ରତିନିଧି ତଥା ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗଛାୟତ, ନାରଦିଆର ପୂର୍ବତନ ସରପଞ୍ଚ ଶିଶିର କୁମାର ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ବିଜେଡି ବ୍ଲକ ଉପସଭାପତି ବିଜୟ ପାଲ, ଜିଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ମହାବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଜପା ପଞ୍ଚାୟତ ଦହିବର ଗ୍ରାମରେ ସ୍ମୃତିଚାରଣ ସଭା ହୋଇଥିଲା। ଏଥିରେ ବିଧାୟକ ମୁଦୁଲି ଯୋଗଦେଇ କହିଲେ ଯେ ମହାବାତ୍ୟାରେ ଦହିବର ଗ୍ରାମର ୫୮୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିସହିତ ଘରଦ୍ୱାର ସମ୍ପୂର୍ଣ୍ଣ ଧୋଇଯାଇଥିଲା। ସେଠାରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି ବୋଲି ସେ କହିଥିଲେ। ଏଥିସହିତ ଗଡ଼ବିଶୁନିପୁର ଗ୍ରାମର ନଳଭେଡି ଗ୍ରାମରେ ମଧ୍ୟ ସ୍ମୃତି ଦିବସ ପାଳିତ ହୋଇଛି।

**ପାରାଦୀପ,(ସ୍ୱ.ପ୍ର):** ପାରାଦୀପ ମଧୁବନସ୍ଥିତ ଆମ୍ବେଡକର ଭବନରେ ସୋମବାର ମହାବାତ୍ୟା ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ମା'ଅମ୍ବିକାଇ ଗଣପରିଷଦ ନାମକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ ଏହି ସଭାରେ ମହାବାତ୍ୟା ମୃତକଙ୍କ ନିମନ୍ତେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଉକ୍ତ ସଭାରେ ପୂର୍ବତନ ବନ୍ଦର ଟ୍ରଷ୍ଟି ପ୍ରତାପ ମିଶ୍ର, ପରିକ୍ଷିତ ଚୂଳି, ସବିତା ମହାପାତ୍ର, ହାରାମଣି ମହାପାତ୍ର, ସୁଧାକର ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଏହାକୁ ସତର୍କ ଦିବସ ଭାବେ ପାଳନ କରାଯାଇଥିଲା। ଧ୍ରୁବ ଚରଣ ମହାପାତ୍ର କାର୍ଯ୍ୟକ୍ରମ ସଂଚାଳନା କରିଥିଲେ।


ତିର୍ତ୍ତୋଲରେ ମହାବାତ୍ୟା ସ୍ମୃତି ଚାରଣ ଦିବସରେ ମୃତକଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ।

### ପ୍ଲାଷ୍ଟିକ ବର୍ଜନ ପାଇଁ ଆହ୍ୱାନ

**ବିରିଡ଼ି,୨୯।୧୦(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଅଢଙ୍ଗଗଡ଼ ଓ ଅଢଙ୍ଗମଜୁରାଇ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ଏକ ଜନ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ବାଲିଆ ଗୋପୀନାଥପୁର ବିଜୁ ଯୁବବାହିନୀ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଗଠନ ଶୋଭାଯାତ୍ରା କରାଯାଇଛି।

■ ନାଉଗାଁରେ ଜିଲାପାଳଙ୍କ ଜନ ଶୁଣାଣି

# ୧୪୬ ଅଭିଯୋଗରୁ ୮୯ ସମାଧାନ

**ନାଉଗାଁ,୨୯।୧୦(ସ୍ୱ.ପ୍ର.)**


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

ନାଉଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ, ତହସିଲଦାର ଜେ. କଳ୍ପନା, ଏସପି ପ୍ରକାଶ ରଙ୍ଗରାଜ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ, ଜନଶୁଣାଣି ଅଧିକାରୀ ରଞ୍ଜନ ଦାସ ଉପସ୍ଥିତ ଥିଲେ। ଜିଲାପାଳ ଯାମିନୀ ଷଡ଼ଙ୍ଗୀ ବିଳମ୍ବରେ ଆସି ପହଞ୍ଚିଥିଲେ। ଶିବିରରେ ମୋଟ୍ ୧୪୬ ଅଭିଯୋଗ ହୋଇଥିଲା। ସେଥିମଧ୍ୟରେ ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୮, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ୧, ରେଡକ୍ରସ ୧ ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୧୩୬ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଇନ୍ଦିରା ଆବାସ ୨୯, ଆଇନଗତ ସମସ୍ୟା ୪, ଖାଉଟି କାର୍ଡ ୨୨, ଭତ୍ତା ୧୬, ଗାଈ ଗୁହାଳ ୩୫, ଫାର୍ମ ପଣ୍ଡ ସମ୍ପର୍କିତ ୯ ଓ ଅନ୍ୟାନ୍ୟ ୧୬ ଟି ଅଭିଯୋଗ ଥିଲା। ତେବେ ଶିବିରରେ ୮୯ ଅଭିଯୋଗର ସମାଧାନ କରାଯାଇଥିଲା।

ଜନଶୁଣାଣିରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ରୋହିଆ ପଞ୍ଚାୟତ ଅରଖକୁଦ ନିକଟରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ। ଏହି ପ୍ରକଳ୍ପ ନିର୍ମାଣ ପୂର୍ବରୁ କୌଣସି ଜନଶୁଣାଣି କିମ୍ବା ଗ୍ରାମସଭା କରାଯାଇ ନ ଥିଲା। ଏହି ପ୍ରକଳ୍ପ ନିର୍ମାଣ ହେଲେ ନଦୀର ଜଳସ୍ତର ହ୍ରାସ ପାଇବ ଓ ୧୨ ପଞ୍ଚାୟତର ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେବେ। ଚାଷୀ ଓ ମତ୍ସ୍ୟଜୀବୀମାନେ କ୍ଷତିଗ୍ରସ୍ତ ହେବେ। ତେଣୁ ଏହି ପ୍ରକଳ୍ପ କରିବା ପୂର୍ବରୁ ଜନଶୁଣାଣି ଓ ଗ୍ରାମସଭା କରିବା ଆବଶ୍ୟକ ବୋଲି ରୋହିଆ ସମିତି ସଭ୍ୟ ପଦ୍ମ ଚରଣ ରାଉତ, ଗଳଦାରୀ ସମିତି ସଭ୍ୟ ପ୍ରଭାତ ସ୍ୱାଇଁ, ବେଣୁଧର ସ୍ୱାଇଁ ପ୍ରମୁଖ ଦାବି ଜଣାଇଥିଲେ। ନାଉଗାଁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସମ୍ପାଦକ ବସନ୍ତ ମହାନ୍ତି, ବିଜୟମ ମହାନ୍ତି, ଦୀପକ ରଞ୍ଜନ ଲେଙ୍କା, ରବୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ନାଉଗାଁ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରିବା, ଷ୍ଟାଣ୍ଡରେ ଆଲୋକ ବ୍ୟବସ୍ଥା ଓ ଶୌଚାଳୟ ନିର୍ମାଣ କରିବା, ଯାତ୍ରୀ ବିଶ୍ରାମାଗାର କରିବା ଓ ନାଉଗାଁ-ବାଲିଭଉଁରୀ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରିବାକୁ କହିଥିଲେ। ତିରୁଣା ସମବାୟ ସମିତି ଦୀର୍ଘଦିନ ଧରି ବନ୍ଦ ଥିବାରୁ ଚାଷୀମାନେ

■ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୮, ବ୍ୟକ୍ତିଗତ ୧୩୬

■ଇନ୍ଦିରା ଆବାସ ୨୯ ଓ ଖାଉଟି କାର୍ଡ ସମ୍ପର୍କିତ ୨୨ ଅଭିଯୋଗ

ହଇରାଣ ହେଉଛନ୍ତି ବୋଲି ଦିଲୀପ ପାଢ଼ି ଅଭିଯୋଗ କରିଥିଲେ। ନାଉଗାଁ ପଞ୍ଚାୟତ ମହିଷାମୁଣ୍ଡା-୨, ଗୋଠଦା ଜଳପ୍ରକଳ୍ପ ଅଧୀନରେ ଥିବା ପାଇପ ଫାଟି ଯାଇଥିବାରୁ ୧୦ମାସ ହେଲା ଜଳଯୋଗାଣ ବନ୍ଦ ରହିଛି। ତେଣୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବାକୁ ବାବାଜୀମୁଦୁଲି, ବିଜୟ କୁମାର ପରିଡା, ଅଞ୍ଜନ ମୁଦୁଲି ପ୍ରମୁଖ ୬୦ ଜଣଙ୍କ ସ୍ୱାକ୍ଷରିତ ଅଭିଯୋଗ ପ୍ରଦାନ କରାଯାଇଥିଲା। ନୂଆଗାଁ ସମିତି ସଭ୍ୟ ଦୋଳଗୋବିନ୍ଦ ରାଉଳ ଦୀର୍ଘଦିନ ହେବ ବଡିଓ, ଏବିଡିଓ ଓ ଅନ୍ୟାନ୍ୟ ପଦାଧିକାରୀଙ୍କ ପଦବୀ ଖାଲି ପଡ଼ିଥିବା ଅଭିଯୋଗ କରିଥିଲେ। ଘୋଡେଶ୍ୱର ମନ୍ଦିର ପରିସରରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଠିକାଦାର କରୁ ନ ଥିବା ଚୈତନ୍ୟ ନାୟକ, ଶିବ ଚରଣ ରାଉତ, ବିଚିତ୍ରାନନ୍ଦ ରାଉତ ପ୍ରମୁଖ ଅଭିଯୋଗ କରିଥିଲେ। ମୁଣ୍ଡାଳ ପ୍ରାଥମିକ ବିଦ୍ୟାଳୟକୁ ବେଣାପଡ଼ା ପ୍ରାଥମିକ ବିଦ୍ୟାଳୟ ସହ ସଂଯୋଗ ନ କରିବାକୁ ଶିକ୍ଷା କମିଟି ସଭାପତି ପିତବାସ ବେହେରା, ବାଦଲ ସେଠୀ ପ୍ରମୁଖ ଅଭିଯୋଗ କରିଥିଲେ। ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ସମାଧାନ ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩୦/୨୦୧୮ Bhubaneswar, Tuesday, October 30/ 2018

## ସଂକ୍ଷେପରେ

### ଦେଶୀ ବନ୍ଧୁକ ଜବତ,୩ ଅଟକ

ନାଉଗାଁ,୨୯।୧୦(ସ୍ୱ.ପ୍ର.): ନାଉଗାଁ ବ୍ଲକ କୋକିଢିହ -ଚାନ୍ଦପୁରା ରାସ୍ତାର ଗୋଛାୟତ ସାହି ନିକଟରେ ଏକ ବନ୍ଧୁକ ଧରି ଛିଡ଼ା ହୋଇଥିବା ୩ ଜଣ ଯୁବକଙ୍କୁ ପୋଲିସ ଅଟକ ରଖିଛି। ସେମାନଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ଆପାଚି ଗାଡି ନଂ ଓଡି୨୧ଜି୬୭୬୫ ଜବତ କରାଯାଇଛି। ଯୁବକ ୩ ଜଣ କାହିଁକି ସେଠାରେ ଛିଡ଼ା ହୋଇଥିଲେ ତାହା ଜଣାପଡିନାହିଁ। ପୂର୍ବରୁ ସେମାନେ କୌଣସି ଆପରାଧିକ କାର୍ଯ୍ୟରେ ଲିପ୍ତ ଥିଲେ କି ନାହିଁ, କ'ଣ ପାଇଁ ବନ୍ଧୁକ ଧରି ଛିଡ଼ା ହୋଇଥିଲେ ଆଦି ବିଷୟରେ ପୋଲିସ ତଦନ୍ତ କରୁଛି। ଜଗତ୍‌ସିଂପୁର ଏସଡିପିଓ ସୁଯୋଗ୍ୟ ମିଶ୍ର ମଧ ଥାନାରେ ପହଞ୍ଚି ତଦନ୍ତ ଚଳାଉଛନ୍ତି। ତଦନ୍ତ ପରେ ପ୍ରକୃତ କଥା ଜଣାପଡିବ ବୋଲି ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ଭର କର ପ୍ରକାଶ କରିଛନ୍ତି ।

# ଜୀବନ୍ତ ଜଳିଗଲେ ନିତ୍ୟାନନ୍ଦ

- ଏକାଧିକ ଅପରାଧରେ ଥିଲେ ଅଭିଯୁକ୍ତ
- ଭୟରେ ଦୂରେଇ ରହୁଥିଲେ ପରିବାର ଲୋକେ

ବାଲିକୁଦା,୨୯।୧୦(ସ୍ୱ.ପ୍ର.)

ବାଲିକୁଦା ଥାନା ବୋରିକିନା ପଞ୍ଚାୟତ ଓଳାସ ଗାଁର ନିତ୍ୟାନନ୍ଦ ଗୋଚ୍ଛାୟତ ରବିବାର ରାତିରେ ନିଜ ଘରେ ଜୀବନ ଜଳିଯାଇଛନ୍ତି। ଘରେ ରୋଷେଇ ପାଇଁ ରଖିଥିବା ଏକ ଛୋଟ ଗ୍ୟାସ୍ ଟାଙ୍କିରୁ ଅଗ୍ନିକାଣ୍ଡ ଘଟି ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ନିତ୍ୟାନନ୍ଦଙ୍କ ନାମରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିଲା। ଏପରିକି ତାଙ୍କ ଦୌରାତ୍ମ୍ୟରୁ ପରିବାର ଲୋକେ ମଧ ବାଦ୍ ପଡି ନ ଥିଲେ। ତେଣୁ ତାଙ୍କ ସ୍ତ୍ରୀ ଓ ପିଲାମାନେ ତାଙ୍କୁ ଛାଡ଼ି କଟକରେ ରହୁଛନ୍ତି। ଅଗ୍ନିକାଣ୍ଡରେ ତାଙ୍କ ଘର ସହ ପାଖରେ ଥିବା ଆଉ ଏକ ଚାଳ ଘର ପୋଡିଯାଇଛି। ଘର ଜଳୁଥିବା ଦେଖିଥିଲେ ମଧ ନିତ୍ୟାନନ୍ଦ ଆପରାଧିକ ପ୍ରବୃତ୍ତିର ଲୋକ ହୋଇଥିବାରୁ ଗ୍ରାମବାସୀ ସେଠାକୁ ଯାଇ ନ ଥିଲେ। ତେବେ ନିତ୍ୟାନନ୍ଦଙ୍କ ଚିତ୍କାର ଶୁଣି କିଛି ଲୋକ ନିଆଁ ଲିଭାଇବାକୁ ଯାଇଥିଲେ। ହେଲେ ଗ୍ୟାସ୍ ଟାଙ୍କି ଜଳୁଥିବା ଦେଖି ସେମାନେ ଭୟରେ ପଳାଇ ଆସି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ନିତ୍ୟାନନ୍ଦ ପୋଡ଼ିଯାଇଥିଲେ। ଖବରପାଇ କଟକରୁ ତାଙ୍କ ସ୍ତ୍ରୀ ଓ ପିଲାମାନେ ଆସିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ସାଇଣ୍ଟିଫିକ ଟିମ ସହ ଏସଡିପିଓ ସୁଯୋଗ୍ୟ ମିଶ୍ର, ଥାନା ଅଧିକାରୀ ସର୍ବେଶ୍ୱର ବେହେରା, ଏସଆଇ ପଦ୍ମାଳୟା ପ୍ରଧାନ, ଏଏସଆଇ ଯୋଗେନ୍ଦ୍ର ଚୌଧୁରୀ ପ୍ରମୁଖ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ମାତ୍ର ସେଠାରେ ବ୍ୟବଚ୍ଛେଦ ହୋଇ ନ ପାରିବାରୁ କଟକ ପଠାଯାଇଥିଲା। ସୂଚନାଯୋଗ୍ୟ, ବର୍ଷକ ତଳେ ଏକ ଖବରଦାତା ଦମ୍ପତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ନିତ୍ୟାନନ୍ଦଙ୍କୁ ଗିରଫ କରାଯାଇଥିଲା। କିଛି ମାସ ଜେଲରେ ବନ୍ଦୀ ଭାବେ ରହିବା ପରେ ସେ ଜାମିନରେ ଆସିଥିଲେ। ପରେ ନିଜ ଝିଅ ପ୍ରତି ଅଶାଳୀନ ବ୍ୟବହାର କରିବାରୁ ତାଙ୍କୁ ଝିଅ ଓ ସ୍ତ୍ରୀ କଟୁରୀରେ ଆକ୍ରମଣ କରି କଟକ ପଳାଇଥିଲେ। ଦୁଇ ତିନି ଦିନ ସେହି ଘରେ ନିତ୍ୟାନନ୍ଦ ଆହତ ଅବସ୍ଥାରେ ପଡି ରହିବା ସ୍ୱାସ୍ଥ୍ୟକେନ୍ଦ୍ର ଯାଇଥିଲେ। ଚିକିତ୍ସିତ ହୋଇ ଫେରିବା ପରେ ସେ ଘରେ ଏକାକି ରହୁଥିଲେ।

# ୩ ମାମଲାରେ ସରପଞ୍ଚଙ୍କ ସ୍ୱାମୀ ଗିରଫ

- ପ୍ରତିବାଦରେ ଥାନାରେ ଧାରଣା ଦେଲେ ମହିଳା
- ପ୍ରତିପକ୍ଷ ଅଭିଯୁକ୍ତଙ୍କୁ ଗିରଫ ଦାବି

କୁଜଙ୍ଗ,୨୯।୧୦(ସ୍ୱ.ପ୍ର)

କୁଜଙ୍ଗ ବ୍ଲକ୍‌ର ହଂସୁରା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ପ୍ରମୋଦ କୁମାର ସ୍ୱାଇଁ (ବାବୁଲୀ)ଙ୍କୁ ଗଣ୍ଡଗୋଳ ଘଟଣାରେ ସ୍ଥାନୀୟ ପୋଲିସ ଗିରଫ କରିଛି। ୩ ଟି ମାମଲାରେ ସେ ଅଭିଯୁକ୍ତ ଥାଇ ଫେରାର ଥିଲେ। ମାତ୍ର ରବିବାର ବିଳମ୍ବିତ ରାତିରେ ପୋଲିସ ତାଙ୍କ ମୋବାଇଲ ଟ୍ରାକିଂ କରି ଭୁବନେଶ୍ୱରରୁ ଗିରଫ କରିଥିଲା। ସୋମବାର ତାଙ୍କୁ କୁଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସମାଗୋଳ ସବଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରତି ଅଭିଯୋଗର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ତାଙ୍କର କେତେକ ମହିଳା ସମର୍ଥକ ଥାନାରେ ଧାରଣା ଦେଇଥିଲେ। ଖୁବଶୀଘ୍ର ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେବାରେ ମହିଳାମାନେ ଫେରିଥିଲେ। ପ୍ରକାଶ ଯେ, ହଂସୁରା ପଞ୍ଚାୟତ ଖୋସାଲପୁର ଗ୍ରାମର ପ୍ରମୋଦ କୁମାର ସ୍ୱାଇଁ ଚଳିତ ମାସ ପ୍ରାରମ୍ଭରେ ଖୁଦୁରୁକୁଣୀ ଭସାଣିକୁ କେନ୍ଦ୍ରକରି ଗଣ୍ଡଗୋଳ କରିଥିଲେ। ଏହି ଘଟଣାରେ ଗୀତାଞ୍ଜଳି ବାରିକ ତାଙ୍କ ନାମରେ ଅଭିଯୋଗ କରିଥିଲେ। ଅନ୍ୟ ଏକ ଘଟଣାରେ ସ୍ଥାନୀୟ ମେଡ଼ିସିନ ଦୋକାନୀଙ୍କୁ ରଡ଼ରେ ବାଡ଼େଇବା, ଦେବେନ୍ଦ୍ର କୁମାର ସାମନ୍ତରାୟଙ୍କୁ ମଧ୍ୟ ଆକ୍ରମଣ କରିବା ନେଇ ପୃଥକ ୩ ମାମଲା ରୁଜୁ ହୋଇଥିଲା। ଏନେଇ କେସ୍ ନଂ.୧୭୬/୧୮,୧୭୭/୧୮,୧୭୯/୧୮ ରୁଜୁ ହୋଇଥିଲା। ଗିରଫ ପ୍ରମୋଦଙ୍କ ଜଣେ ସମର୍ଥକ ଅନ୍ୟ ଏକ ପ୍ରତିଅଭିଯୋଗ କରିଥିଲେ। ମାତ୍ର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିନାହିଁ। ତେଣୁ ମହିଳାମାନେ ଥାନାରେ ଧାରଣା ଦେଇଥିଲେ। ତିର୍ତୋଲ ଏସ୍‌ଡିପିଓ ଓ କୁଜଙ୍ଗ ଥାନା ଆଇଆଇସି ଅଭିଯୁକ୍ତଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ଦେବାରୁ ମହିଳାମାନେ ଫେରିଥିଲେ।


ମହିଳାମାନେ ଥାନା ଆଗରେ ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ କେବେ ରାଗେ ନାହିଁ, ସେ ଅନ୍ୟକୁ ଆଦେଶ ଦେବାର ଅଧିକାରୀ ହୋଇଥାଏ।

- ସେଣ୍ଟ୍ ଜନ୍ ପଲ୍



## ସଂକ୍ଷେପରେ

### ଜିଲାପାଳଙ୍କ ଜନଶୁଣାଣି ଶିବିର

ଖଣ୍ଡପଡା,୨୯।୧୦(ସ୍ୱ.ପ୍ର.)-ନୟାଗଡ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜନ ଶୁଣାଣି ଶିବିରରେ ଜିଲାପାଳ ଡ. ଏନ୍.ତିରୁମାଲା ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ରଙ୍କ ସମେତ ଜିଲା ଓ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି,ଅଭିଯୋଗ ଶୁଣିଥିଲେ। ଖଣ୍ଡପଡା ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତରୁ ମୋଟ ୧୩୪ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ବିଭିନ୍ନ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଶିବିରରୁ ଗ୍ରହଣ କରାଯାଇଥିବା ଅଭିଯୋଗପତ୍ରଗୁଡିକ ବିଚାରକୁ ନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଖଣ୍ଡପଡା ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ ସମେତ ଖଣ୍ଡପଡା ବ୍ଲକ ଅଧୀନରେ କାର୍ଯ୍ୟରତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ଜିଲାପାଳ ସମ୍ମିଳନୀ କକ୍ଷରେ ସନ୍ଧ୍ୟାରେ ଆୟୋଜିତ ଏକ ସମୀକ୍ଷା ବୈଠକ ଜରିଆରେ ବ୍ଲକ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ବିଡିଓଙ୍କୁ ପଚାରି ବୁଝିଥିଲେ।

# ଲୁକ୍କାୟିତ ଶିଶୁ ପ୍ରତିଭାର ବିକାଶ ସୁରଭିର ଲକ୍ଷ୍ୟ

### ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଓଡ଼ଗାଁ,୨୯।୧୦(ସ୍ୱ.ପ୍ର.)

ଓଡ଼ଗାଁ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ ସୋମବାର ନିକଟସ୍ଥ ନନ୍ଦିଘୋରସ୍ଥିତ ଜବାହର ନୋଡାଲ ବିଦ୍ୟାପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଦିନତମାମ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍, ଲିଖନ, ଚିତ୍ରାଙ୍କନ, ସଂଗୀତ, ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ଲକସ୍ତରୀୟ କୌଣସି ନିର୍ବାଚିତ ପ୍ରତିନିଧି କିମ୍ବା ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଫଳରେ ପିଲାଙ୍କ ଏଭଳି କାର୍ଯ୍ୟକ୍ରମ ନିମନ୍ତେ ସେମାନଙ୍କର ଆନ୍ତରିକତା ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଦଳଗତ ନୃତ୍ୟରେ ପ୍ରଥମ ସ୍ଥାନ ପାଇଥିବା ଦଳ ଏବଂ ଅନ୍ୟ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ର ୬ ତାରିଖରେ ନବଘନପୁରଠାରେ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଅଂଶ ଗ୍ରହଣ କରିବେ। ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ ନନ୍ଦିଘୋର ସରପଞ୍ଚ ଶ୍ୱେତାଲିନା ମିଶ୍ର ମୁଖ୍ୟ ଅତିଥି, କବି ଗୋଦାବରୀଶ ମିଶ୍ର ମୁଖ୍ୟବକ୍ତା ଓ ଏବିଇଓ ସଦାଶିବ ପାତ୍ର, ବିଆରସିସି ଦ୍ୱିଜରାଜ ନାୟକ, ଭାଗ୍ୟଲତା ଦାଶ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।




ଓଡ଼ଗାଁଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



ଖଣ୍ଡପଡ଼ାଠାରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

### ଖଣ୍ଡପଡା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

ଖଣ୍ଡପଡା,୨୯।୧୦(ସ୍ୱ.ପ୍ର.)

ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଖଣ୍ଡପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟଠାରେ 'ସୁରଭି ୨୦୧୮' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। । ପ୍ରଥମ ସ୍ଥାନ ଅଧିକାର କରିଥିବା ପିଲାମନଙ୍କୁ ଜିଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବା ପଇଁ ଚୟନ କରାଯାଇଛି। ଆୟୋଜିତ ଉତ୍ସବରେ ବିଡିଓ ଶିବାନନ୍ଦ ସ୍ୱାଇଁ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ରଥ,ଏବିଓ କଳିଙ୍ଗ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଲୁକ୍କାୟିତ ଶିଶୁପ୍ରତିଭାର ବିକାଶ ନିମନ୍ତେ ବିଦ୍ୟାଳୟ ସ୍ତରରେ ଏଭଳି ଉତ୍ସବ ଆୟୋଜନର ମହତ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ଶିଶୁ ହେଉଛନ୍ତି ଆଗାମୀ ଦିନର ଭବିଷ୍ୟତ, ତାଙ୍କରି ହାତରେ ରହିଛି ଦେଶ ବିକାଶର ଚାବିକାଠି ବୋଲି କହିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ନବାଗତ ଶିକ୍ଷାର୍ଥୀଙ୍କୁ ସ୍ୱାଗତ

ବୋଲଗଡ଼,୨୯।୧୦(ଡି.ଏନ.ଏ.)

ବୋଲଗଡ଼ ବ୍ଲକ୍ ବାଙ୍କୋଇସ୍ଥିତ କେପିଏଏନ୍ କଲେଜ ଶିକ୍ଷା ବିଭାଗର ନବାଗତ ଯୁକ୍ତ୩ ପ୍ରଥମ ସେମିଷ୍ଟାର ଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ କରାଯାଇଛି। ଏହିଅବସରରେ ସୋମବାର ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱାଗତ ଉତ୍ସବ ସଭାରେ ଅଧକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ସମ୍ପାଦିକା କୁମୁଦିନୀ ଜୟସିଂହ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ହରପ୍ରିୟା ଦାଶ, ଅଧ୍ୟାପକ ସରୋଜ କୁମାର ମିଶ୍ର, ଦିଲୀପ କୁମାର ପଣ୍ଡା, ପୀତବାସ ମିଶ୍ର, ଜୟ ପ୍ରକାଶ ମିଶ୍ର ଓ ସୁକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉକ୍ତ ୫୭ ନବାଗତ ଶିକ୍ଷାର୍ଥୀଙ୍କୁ ୩ୟ ଏବଂ ୫ମ ସେମିଷ୍ଟାର ଶିକ୍ଷାର୍ଥୀମାନେ ପଠନ ସାମଗ୍ରୀ ସହିତ ଫୁଲତୋଡା ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ। ଦେବୀପ୍ରସାଦ ମିଶ୍ର, ଉପେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ଦଳାଇ, ଶାନ୍ତିଲତା ଚଣ୍ଡ ଓ ଇତିନି ପଣ୍ଡା ପ୍ରମୁଖ ବରିଷ୍ଠ ଶିକ୍ଷାର୍ଥୀ ନୂତନ ଶିକ୍ଷାର୍ଥୀଙ୍କୁ ନୈତିକ ଉପଦେଶ ପ୍ରଦାନ କରିଥିଲେ।

## ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

ନୟାଗଡ଼ ଅଫିସ,୨୯।୧୦

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ସୋମବାର ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ୨୦୧୮ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଦିବସର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ମହାବାତ୍ୟ, ଫାଇଲିନ୍, ହୁଡ୍‌ହୁଡ୍, ତିତ୍‌ଲି ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସରକାର ଜନସାଧାରଣଙ୍କ ସହଯୋଗରେ ଅତିକ୍ରମ କରିପାରିଛନ୍ତି। ଲୋକେ ସଚେତନ ହେଲେ ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇପାରିବ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ ପ୍ରୀତିମୟ ୧୯୯୯ ମସିହା ମହାବାତ୍ୟାର ଅଙ୍ଗେନିଭା କଥା ବର୍ଣ୍ଣନା କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ୧୬ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାସ୍ତରୀୟ ଅଧିକାରୀ, ବୃଦ୍ଧିଜୀବୀ, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ସକାଳ ୮ଟାରେ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରୁ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା।




ଜିଲାପାଳ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ବିଭିନ୍ନ ଦାବି ନେଇ ଗାଁ ସାଥୀ ସଂଘ ବୈଠକ

ବୋଲଗଡ଼,୨୯।୧୦(ଡି.ଏନ.ଏ.)

ବୋଲଗଡ଼ ବ୍ଲକ୍ ବାଙ୍କୋଇସ୍ଥିତ ତାରେଶ୍ୱରଦେବଙ୍କ ମନ୍ଦିର ନିକଟରେ ଗାଁ ସାଥୀ (ମେଟ୍)ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ସୋମବାର ବ୍ଲକ୍ ଶାଖା ସଂଘର ସଭାପତି ଶୁଭେନ୍ଦୁ କୁମାର ମତଗଜସିଂହଙ୍କ ଆବାହକତ୍ୱରେ ସେମାନଙ୍କର ବିଭିନ୍ନ ଦାବି ବୈଠକରେ ଉପସ୍ଥାପିତ ହୋଇଥିଲା। ଗାଁ ସାଥିଙ୍କ ଡାଟାବେସ୍ କରାଯିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଅନ୍ତର୍ଭୁକ୍ତ ୧୫୫ ପ୍ରକାର କାର୍ଯ୍ୟଗୁଡିକରେ ସେମାନଙ୍କୁ ସାମିଲ କରାଯିବା ଆଦି ଦାବି ହୋଇଥିଲା। ନଭେମ୍ବର ୧୪ ସୁଦ୍ଧା ଦାବି ପୂରଣ ନ ହେଲେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବା ପ୍ରସ୍ତାବ ବୈଠକରେ ଅନୁମୋଦନ ହୋଇଛି। ସଂଘର ଖୋର୍ଦ୍ଧା ଜିଲା ସଭାପତି ସରୋଜ କୁମାର ରଥଙ୍କ ସମେତ ବ୍ଲକ୍‌ର ଗାଁ ସାଥୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ଘେରିଲା ଭାଜପା

ଖଣ୍ଡପଡା,୨୯।୧୦(ସ୍ୱ.ପ୍ର.)

ରାଜ୍ୟ ଶାସନରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୋଗ କରି ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ବ୍ଲକ ଘେରାଉ କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ସୋମବାର ମଧ୍ୟାହ୍ନରେ ଭାଜପା ପକ୍ଷରୁ ନାରୀନେତ୍ରୀ ଇଂ. ଅର୍ଚ୍ଚନା ଦାଶଙ୍କ ନେତୃତ୍ୱରେ ଖଣ୍ଡପଡା କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ପଠାଣି ସାମନ୍ତ କଲ୍ୟାଣ ମଣ୍ଡପଠାରୁ ବାହାରି ରଥଗଡା ଛକ ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ପ୍ରଶାସନର ସବୁ ସ୍ତରରେ ଦୁର୍ନୀତି ବ୍ୟାପିଛି। ପିସି କାରବାର, ଖଣି ଦୁର୍ନୀତି, ଧାନ କିଣାରେ ଚଞ୍ଚକତା ଓ କୃଷିଋଣରେ ଜାଲିଆତି ଆଦି ବହୁ ଦୁର୍ନୀତି ନେଇ ଏହି ଅବସରରେ ଦଳର ନେତୃବୃନ୍ଦ ତଥା ବିକ୍ଷୋଭକାରୀମାନେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଭାଜପା କର୍ମୀ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, କ୍ୟାପଟେନ ଶିବ ପ୍ରସାଦ ଭଞ୍ଜ ପ୍ରମୁଖ ନେତାମାନେ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଜେଡି ବିରେରେ ମତବ୍ୟକ୍ତ କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡଓ ଶିବାନନ୍ଦ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀ ଓ ନେତୃବୃନ୍ଦ।

# ହାଇକୋର୍ଟ ପରିସରରେ ଆଇନଜୀବୀ ମୁହାଁମୁହିଁ ହେବା ସମୟର ଦୃଶ୍ୟ





ଆହତ ହୋଇଥିବା ଜଣେ ଯୁବକଙ୍କୁ ପୋଲିସ ଘଟଣାସ୍ଥଳରୁ ନେଉଛି।







ଦୁଇ ଆଇନଜୀବୀ ଗୋଷ୍ଠୀ ମୁହାଁମୁହିଁ ହେବା ସମୟରେ ନୀରବଦ୍ରଷ୍ଟା ସାଜିଥିବା ପୋଲିସ।



ଯେଉଁ ଲୋକ ଦୁଃଖ କଷ୍ଟ ନ ସହିଛି, ତା' ହୃଦୟରେ ଶକ୍ତିର ସଞ୍ଚାର ହୋଇନାହିଁ।
- ହେମାନସ୍

## ସଂକ୍ଷେପରେ

### ହତ୍ୟା ମାମଲାରେ ଫେରାର ଅଭିଯୁକ୍ତ ମହିଳା ଗିରଫ

ଓଡ଼ଗାଁ,୨୯।୧୦(ସ୍ୱ.ପ୍ର.): ୨୦୦୭ ମସିହାରେ ଏକ ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ଜଣେ ମହିଳାଙ୍କୁ ପୋଲିସ ଦୀର୍ଘ ୧୧ବର୍ଷ ପରେ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ମହିଳା ଏହି ଥାନା ଭାଲିଆଡିହି ଗ୍ରାମର ପଦ୍ମ ଲୋଚନ ଜେନାଙ୍କ ସ୍ତ୍ରୀ ସୁଲୋଚନା ଜେନା। ପୋଲିସର ସୂଚନା ଅନୁସାରେ ଏହି ମାମଲାରେ ଅନ୍ୟ ସମସ୍ତ ଅଭିଯୁକ୍ତ ବିଗତ ଦିନମାନଙ୍କରେ କୋର୍ଟ ଚାଲାଣ ହୋଇଥିବା ବେଳେ କେବଳ ସୁଲୋଚନା ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଆସୁଥିଲେ। ଏ ନେଇ ଅଦାଲତରୁ ଗିରଫ କରିବା ନିମନ୍ତେ ନିର୍ଦ୍ଦେଶନାମା (୨୩୩/(ଏ)/୨୦୦୭) ଆସିବା ପରେ ସ୍ଥାନୀୟ ପୋଲିସ ମହିଳାଙ୍କୁ ଗିରଫ କରିଥିଲା।

### ଶାଳକାଠ ଜବତ, ଜଣେ ଗିରଫ

ଦଶପଲ୍ଲା,୨୯।୧୦(ଡି.ଏନ.ଏ.): ରବିବାର ବିଳମ୍ବିତ ରାତିରେ ଦଶପଲ୍ଲା ବ୍ଲକ ଦୁର୍ଗାପ୍ରସାଦ ଗ୍ରାମରୁ କଟକକୁ ଏକ ଟାଟା ମ୍ୟାଜିକ୍ ଯୋଗେ ଶାଳକାଠ ଚୋରା ଚାଲାଣ ହେଉଥିବା ବେଳେ ବନ୍ୟପ୍ରାଣୀ ବିଭାଗ ଚଢ଼ାଉ କରି ଏହାକୁ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ଅନନ୍ତପୁର ଗ୍ରାମର ଶିବ ନାରାୟଣ ମଲିକ(୩୮)। ସୂଚନା ଅନୁଯାୟୀ ଶିବ ନାରାୟଣ ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଏକ ଟାଟା ମ୍ୟାଜିକ୍ (ଓଡି୧୩ସି-୫୯୪୯)ରେ ଶାଳ ସାଇଜ୍ ବୋଝେଇ କରୁଥିଲେ। ଖବରପାଇ ମହାନଦୀ ବନ୍ୟପ୍ରାଣୀ ବିଭାଗ ଅଧୀନ ବାଣିଗୋଛା ପଶ୍ଚିମ ବନାଞ୍ଚଳ ଅଧିକାରୀ ସଂସାର ବର୍ଗିଆଙ୍କ ନେତୃତ୍ୱରେ ବନପାଳ ଝାଂସିରାଣୀ ଦାଶ, ବନରକ୍ଷୀ ରୋଜାଲିନ ସ୍ୱାଇଁ, ରାଜୀବ ଶତପଥୀ ପ୍ରମୁଖ ଚଢ଼ାଉ କରିଥିଲେ। କର୍ମଚାରୀମାନେ ୬୦ ଘନଫୁଟ ଶାଳ ସାଇଜ ଜବତ କରିଥିଲେ, ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଗିରଫ ଶିବନାରାୟଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

### ବାଇକ୍ ଦୁର୍ଘଟଣାଗ୍ରସ୍ତ: ୩ ଗୁରୁତର

ଓଡ଼ଗାଁ,୨୯।୧୦(ସ୍ୱ.ପ୍ର.): ସୋମବାର ଅପରାହ୍ନ ପ୍ରାୟ ୫ଟାରେ ନିକଟସ୍ଥ ଲିଙ୍ଗରାଜପ୍ରସାଦ ଛକଠାରେ ଗୋଟିଏ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ବସିଥିବା ବାହାଡ଼ାପିଠା ଗ୍ରାମର ଶରତ ନାୟକ(୩୮), ସନ୍ତୋଷ ନାୟକ(୪୫) ଓ ଡାକ ନାୟକ(୩୫) ଗୁରୁତର ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କେତେକ ଦେଖଣାହାରୀଙ୍କ କହିବା ଅନୁସାରେ ସେମାନେ ଗୋଟିଏ ବାଇକ୍‌ରେ କୋମଣ୍ଡରୁ ଓଡ଼ଗାଁ ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ବେଳେ ବାଇକ୍ ରାସ୍ତା ଉପରେ ସ୍ଲିପ୍ କରିଥିଲା। ଫଳରେ ସମସ୍ତେ ରାସ୍ତାରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଥିଲେ। ହେଲେ ପୋଲିସ ସେଠାରେ ପହଞ୍ଚିଲାବେଳକୁ ଦୁର୍ଘଟଣାଗ୍ରସ୍ତ ବାଇକ୍ ଗାଏବ ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ଫଳରେ ବାଇକ୍‌ର କାଗଜପତ୍ର ଠିକ୍ ଥିବା ନେଇ ପୋଲିସ ସନ୍ଦିହାନ ରହିଛି।

### ନଭେମ୍ବର ୮ରୁ ଜିଲା ଯୁବ ଉତ୍ସବ

ନୟାଗଡ଼ ଅଫିସ,୨୯।୧୦: ଜିଲା ପ୍ରଶାସନ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଜିଲା ଯୁବ ଉତ୍ସବ ନଭେମ୍ବର ୮ ଓ ୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାକୁ କିପରି ବ୍ୟାପକ କରାଯାଇପାରିବ ସେ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଜିଲା ଯୁବ ଉତ୍ସବ ସଦର ମହକୁମାସ୍ଥିତ ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବ। ଏଥିରେ ୧୩ରୁ ରୁ ୩୫ବର୍ଷ ପର୍ଯ୍ୟନ୍ତ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ। ଦଳଗତ ପ୍ରତିଯୋଗିତାରେ ଲୋକନୃତ୍ୟ, ଲୋକଗୀତ କାର୍ଯ୍ୟକ୍ରମ ରହିଛି। ସେହିଭଳି ଏକକ ପ୍ରତିଯୋଗିତାରେ ହିନ୍ଦୁସ୍ଥାନୀ, ଶାସ୍ତ୍ରୀୟ ସଙ୍ଗୀତ, ମଣିପୁରୀ, ଓଡ଼ିଶୀ, ଭାରତନାଟ୍ୟମ, ଶାସ୍ତ୍ରୀୟ ନୃତ୍ୟ, ହାରମୋନିୟମ, ତବଲା, ଗୀଟାର, ବଂଶୀ, ମୃଦଙ୍ଗ, ସୀତାର ଆଦିକୁ ସାମିଲ କରାଯାଇଛି। ଏଠାରେ କୃତିତ୍ୱ ହାସଲ କରିବାକୁ ଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଯୋଗଦେବେ। ପ୍ରତିଯୋଗୀମାନେ ଅଧିକ ଜାଣିବା ପାଇଁ ଜିଲା କ୍ରୀଡ଼ା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ ପ୍ରକାଶ କରିଛନ୍ତି।

# ଅଧାପନ୍ତରିଆ ଅବସ୍ଥାରେ ରାସ୍ତା

- ୪ଖଣ୍ଡ ଗ୍ରାମର ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା
- ନୟାଗଡ଼ ବ୍ଲକରେ ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟ
- ଠିକାଦାରଙ୍କୁ ଅହେତୁକ ଅନୁକମ୍ପା

ନୟାଗଡ଼ ଅଫିସ,୨୯।୧୦

ଅବଧି ଶେଷ ହୋଇଥିଲେ ମଧ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ତିଆରି ହେଉଥିବା ରାସ୍ତାକାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ନୟାଗଡ଼ ବ୍ଲକ ଚିନେରା ପୂର୍ତ୍ତବିଭାଗ ରୋଡ଼ଠାରୁ ଚିନେରା ଗ୍ରାମ ପର୍ଯ୍ୟନ୍ତ ରାସ୍ତାରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏ କ୍ଷେତ୍ରରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ୩.୭୫ କିମି ଏହି ରାସ୍ତା ପାଇଁ ୧ କୋଟି ୯୧ ଲକ୍ଷ ୧୫ହଜାର ଟଙ୍କା ଅଟକଳ ରଖାଯାଇଥିଲା। ସେହିଭଳି ୫ବର୍ଷ ରକ୍ଷଣାବେକ୍ଷଣ ଲାଗି ୧୦ ଲକ୍ଷ ୬୪ ହଜାର ଟଙ୍କା ଅଟକଳ ରଖାଯାଇଥିଲା। ଏଥିମଧ୍ୟରେ ୩ କିମି ପିଚୁ ରାସ୍ତା ଓ ୦.୭୫ କିମି ସିମେଣ୍ଟ କଂକ୍ରିଟ କରିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ୨୮ ଫେବୃୟାରୀ ୨୦୧୪ରେ କାର୍ଯ୍ୟାରମ୍ଭ କରାଯାଇ ୨୭ ନଭେମ୍ବର ୨୦୧୪ରେ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ହେଲେ ଏହାର ୨ବର୍ଷ ପରେ ଅର୍ଥାତ୍ ୨୦୧୬ ମସିହାରେ ଯାଜପୁରର ଜଣେ ଠିକାଦାର କାର୍ଯ୍ୟ ଶେଷ କରିଥିଲେ। ଏହାକୁ ତଦନ୍ତ କରିବା ପାଇଁ ଅଧିକାରୀମାନେ ଯାଇ କିଛି ସ୍ଥାନରେ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବା ଦେଖି ଏହାକୁ ପୁନର୍ବାର କରିବାକୁ କହିଥିଲେ। ହେଲେ ଉକ୍ତ ଠିକାଦାର ଜଣକ ଆଉ ଜଣେ ପେଟି ଠିକାଦାରଙ୍କୁ ଏହି ଦାୟିତ୍ୱ ଦେଇଦେଲେ। ୨ବର୍ଷ ତଳେ ସମ୍ପୃକ୍ତ ଠିକାଦାର ନିମ୍ନମାନର ହୋଇଥିବା ରାସ୍ତାରେ କେବଳ କିଛି ଡଷ୍ଟ ପକାଇ କାର୍ଯ୍ୟ ସାରିଦେଇଥିଲେ। ଏହା ସତ୍ତ୍ୱେ ବିଭାଗ ପକ୍ଷରୁ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ପୁଣି ୨୦୧୯ ପର୍ଯ୍ୟନ୍ତ କାର୍ଯ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱ ଥିଲେ ମଧ ଠିକାଦାର ଜଣକ ବର୍ତ୍ତମାନ ସୁଦ୍ଧା ତାହା କରିନାହାନ୍ତି। ରାସ୍ତା ଅସମ୍ପୂର୍ଣ୍ଣ ଥିବାରୁ ଆଖପାଖ ଗ୍ରାମର ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ ଏହି ରାସ୍ତା ଉପରେ ଚିନେରା, ଭୁତଡିହି, ବେହେରାସାହି ଓ ରଘୁନାଥପୁର ଆଦି ଗ୍ରାମର ଲୋକମାନେ ନିର୍ଭର କରିଥାନ୍ତି। ରାସ୍ତାକାର୍ଯ୍ୟ ତୁରନ୍ତ ଶେଷ କରିବାକୁ କାଳିଆ ସ୍ୱାଇଁ, ଉପେନ୍ଦ୍ର ରାଉତ, ଶ୍ରୀଧର ନାୟକ, ନିରଞ୍ଜନ ନାୟକଙ୍କ ସମେତ ଚିନେରା ଗ୍ରାମବାସୀ ଦାବି କରିଛନ୍ତି। ନଚେତ ସେମାନେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ବାହୀ ଯନ୍ତ୍ରୀ ସୁବୋଧ ରାଉତରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଗ୍ରହଣ କରି ନ ଥିଲେ। ଅନ୍ୟପକ୍ଷରେ ବିଭାଗର ନୟାଗଡ଼ ବ୍ଲକ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ନାଥ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ଠିକାଦାରଙ୍କୁ ବାରମ୍ବାର କାର୍ଯ୍ୟ ଶେଷ କରିବା ପାଇଁ କୁହାଯାଉଥିଲେ ମଧ ସେ କରୁନାହାନ୍ତି। ତାଙ୍କୁ ଏ ନେଇ ଚିଠି କରାଯାଇଥିବା ସ୍ୱାଇଁ ସୂଚନା ଦେଇଥିଲେ।


ସୂଚନା ଫଳକ, ଅଧାପନ୍ତରିଆ ରାସ୍ତା।

# ଦୁର୍ନୀତି ବିରୋଧରେ ଭାଜପାର ବ୍ଲକ ଘେରାଉ

## ସରକାରଙ୍କ ଫ୍ଲେକ୍ସ ବ୍ୟାନରକୁ ଚିରିଲେ କର୍ମୀ

ରଣପୁର,୨୯।୧୦(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ବ୍ଲକରେ ସାଧାରଣ ଲୋକଙ୍କ ଠାରୁ ବିଭିନ୍ନ ସରକାରୀ ଯୋଜନାରେ ପିସି ଆଦାୟ କରାଯାଉଥିବାରୁ ଏହାକୁ ବିରୋଧ କରି ରଣପୁର ଭାଜପା ମଣ୍ଡଳ ତରଫରୁ ସୋମବାର ରଣପୁର ବ୍ଲକ ଘେରାଉ କରାଯାଇଥିଲା । ସକାଳ ୧୧ଟାରେ ପୂର୍ବତନ ସମବାୟ ମନ୍ତ୍ରୀ ସୁରୁମା ପାଢୀଙ୍କ ନେତୃତ୍ୱରେ ୩ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ କର୍ମୀ ଏକ ପଦଯାତ୍ରା ସହିତ ବାଇକ ଶୋଭାଯାତ୍ରାରେ ପଞ୍ଚୁଦୋଳ ପଡିଆ ଠାରୁ ବାହାରି ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିବା ସହ ସେଠାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଏହି ସଭାରେ ଭାଜପା ନେତାମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରକାର ମନ୍ତବ୍ୟ ପ୍ରଦାନ କରିଥିଲେ। ନୟାଗଡ ଜିଲା ଭାଜପାର ସାଧାରଣ ସମ୍ପାଦକ ସନ୍ତୋଷ ପ୍ରହରାଜ, ଜିଲା ଉପସଭାପତି ପରେଶ ଚନ୍ଦ୍ର ମିଶ୍ର, ଜିଲା ପରିଷଦ ସଭ୍ୟ ଭୁବନେଶ୍ୱରୀ ସାହୁ, ସନ୍ୟାସୀ ପ୍ରଧାନ, ଭାଗବତ ସେଠୀ, ଲୁନାଡେକା ଛୋଟରାୟ, ଭାଜପା ଜିଲା ମହିଳା ମୋର୍ଚ୍ଚାର ସଭାନେତ୍ରୀ ଅନସୂୟା ସାହୁ, ରଣପୁର ମହିଳା ମଣ୍ଡଳ ସଭାପତି ସ୍ୱର୍ଣ୍ଣଲତା ପାତ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଅବସରରେ ଭାଜପା ତରଫରୁ ଏକ ଦାବିପତ୍ର ରଣପୁର ବିଡିଓ ମାନସ ରଞ୍ଜନ ସାମଲଙ୍କୁ ଦଳ ତରଫରୁ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ବ୍ଲକରେ ପିସି କାରବାର ସହିତ ଦୁର୍ନୟତି ବନ୍ଦ ନହଲେ ପୁଣି ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଦଳ ତରଫରୁ ତାଗିଦ୍ କରାଯାଇଛି। ଅନ୍ୟପକ୍ଷେ ବ୍ଲକ କାର୍ଯ୍ୟାଳୟ ଘେରାଉ କାରାଯାଇଥିଲା ବେଳେ ସେଠାରେ ରାଜ୍ୟ ସରକାରଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଏକ ବୋର୍ଡ ଲଗାଯାଇଥିବାରୁ କେତେକ ଭାଜପା କର୍ମୀ ଉତ୍ତେଜିତ ହୋଇ ଫ୍ଲେକ୍ସ ବ୍ୟାନରଟିକୁ ଚିରିଦେଇଥିଲେ । ବ୍ଲକ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଦୁଇ ସେକ୍ସନରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସଙ୍କ ସହିତ ଶରଣକୁଳ ଏସ୍‌ଡିପିଓ ନାରାୟଣ ବାରିକ, ରଣପୁର ଥାନା ଦାୟିତ୍ୱରେ ଥିବା ଚକ୍ରପତି କଅଁର, ଏସଆଇ ଏସ୍ ଏସ୍ ହରୋ ଉପସ୍ଥିତ ରହିଥିଲେ । ଚନ୍ଦ୍ରବିଜୟୀ ମିଶ୍ର ଧନ୍ୟବାଦ ଦେଇଥିଲେ ।


ପ୍ରତିବାଦ ସଭାରେ ଭାଜପାର ନେତୃବୃନ୍ଦ।

# ବାର୍‌ହା ଉତ୍ପାତ, ଧାନ ଫସଲ ନଷ୍ଟ

ବୋଲଗଡ଼,୨୯।୧୦(ଡି.ଏନ.ଏ.)

ବୋଲଗଡ଼ ବ୍ଲକ୍ ଆରିକମା ଅଞ୍ଚଳରେ ବାର୍‌ହା ଉତ୍ପାତ ଯୋଗୁ ଚାଷୀମାନଙ୍କର ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏଠାରେ ବାର୍‌ହା ପ୍ରାଦୁର୍ଭାବ ଦିନକୁ ଦିନ ବଢୁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ପ୍ରକାଶ ଯେ, ଆରିକମା ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରୁ ଗ୍ରାମ ଉପକଣ୍ଠ ଧାନ ଜମିରୁ ଧାନ ଖାଇବା ପାଇଁ ବାର୍‌ହା ପଲ ଆସୁଛନ୍ତି । ଧାନ ଖାଇବା ସହ ଦଳାଚକଟା କରି ଏମାନେ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ତେଣୁ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

# ଯୁବକଙ୍କୁ ଆକ୍ରମଣ କରି ଜେଲ୍ ଗଲେ ଯୁବକ

ନୟାଗଡ଼ ଅଫିସ,୨୯।୧୦

ନୟାଗଡ଼ ସହରର ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ସୋମବାର ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ବାଙ୍କୀ ଥାନା ଡମପଡ଼ା ଗ୍ରାମର ଦୀପକ କୁମାର ସାହୁ। ଦୀପକ ତାଙ୍କ ଶ୍ୱଶୁର ଘର ସ୍ଥାନୀୟ ପୁରୁଣା ସହରଠାରେ ରହୁଥିଲେ। ଜଗନ୍ନାଥ ମନ୍ଦିରରେ ଦୀପକ ଟେଣ୍ଡର ନେଇ ଅବଢ଼ା ବିକ୍ରି କରୁଥିଲେ। ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ କୌଣସି କାମ ପାଇଁ ଦୀପକ ସହରର ଜଣେ ଯୁବକଙ୍କଠାରୁ ଟଙ୍କା ନେଇଥିଲେ। ଯୁବକ ଜଣଙ୍କ ଦୀପକଙ୍କୁ ବିଭିନ୍ନ ସମୟରେ ଟଙ୍କା ମାଗିଥିଲେ ମଧ ସେ ଦେଇ ନ ଥିଲେ। ସେପ୍ଟେମ୍ବର ୧୮ତାରିଖରେ ଯୁବକ ଜଣଙ୍କ ବାଇକ୍‌ରେ ଯାଉଥିବା ବେଳେ ଦୀପକ ତ୍ରିନାଥ ଛକଠାରେ ତାଙ୍କୁ ଅଟକାଇ ତଣ୍ଟି ଚିପି ମାରି ଦେବାକୁ ଉଦ୍ୟମ କରିଥିଲେ। ନିକଟରେ ଥିବା ଲୋକମାନେ ପାଟି କରିବାରୁ ଦୀପକ ଯୁବକଙ୍କ ଛାଡ଼ି ଚାଲି ଯାଇଥିଲେ। ଏ ନେଇ ଯୁବକ ଜଣଙ୍କ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୩୬/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଦୀପକ ଫେରାର ଥିବାବେଳେ ସୋମବାର ତାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ଯାତ୍ରୀବାହୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ

# ୧୦ରୁ ଊର୍ଦ୍ଧ୍ୱ ଆହତ, ୬ ଗୁରୁତର

ଖଣ୍ଡପଡା,୨୯।୧୦(ସ୍ୱ.ପ୍ର.)

ନୟାଗଡ ଜିଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଢୋଲମରାରୁ ନୟାଗଡ ଅଭିମୁଖେ ସୋମବାର ସନ୍ଧ୍ୟାରେ ଆସୁଥିବା ଏକ ଯାତ୍ରୀବାହୀ ଭିଲେଜର (ମିନି ବସ୍)ଦୁର୍ଘଟଣାଗ୍ରସ୍ତ ହୋଇଛି। ଚାଳକ ନିୟନ୍ତ୍ରଣ ହରାଇବାରୁ ଗାଡିଟି ରାସ୍ତା କଡରେ ଥିବା ଏକ ଗଛରେ ଧକ୍କା ହୋଇଯିବା ଫଳରେ ଗାଡିରେ ଥିବା ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ହୋଇଛି । ଆହତମାନଙ୍କୁ ପ୍ରଥମେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ପରେ ଗୁରୁତରମାନଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଓଆର ୦୫କେ-୭୩୧୦ ନମ୍ବର ବିଶିଷ୍ଟ ସଲମା ଆଣ୍ଡ ସଲମା ନାମକ ଭିଲେଜର ଗାଡି ସୋମବାର ଖଣ୍ଡପଡା ଥାନା ଅନ୍ତର୍ଗତ ଢୋଲମରା ଗ୍ରାମରୁ ନୟାଗଡ ଅଭିମୁଖେ ଯାଉଥିଲା। ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଳିସାହି-କୋସକା ପୂର୍ତ୍ତବିଭାଗ ରାସ୍ତାର ରତାଖଣ୍ଡି ଗ୍ରାମ ନିକଟରେ ସନ୍ଧ୍ୟା ୬.୪୦ ମିନିଟ୍ ସମୟରେ ଗାଡି ଦୁର୍ଘଟଣାଗ୍ରସ୍ତ ହେବାଯୋଗୁ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ଆହତଙ୍କୁ ଆଶୁଚିକିତ୍ସା ନିମନ୍ତେ ପ୍ରଥମେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ୨ ଗୋଟି ୧୦୮ ଆମ୍ବୁଲାନ୍ସ ଯୋଗେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ସେଠାରୁ ଭୁବନେଶ୍ୱରକୁ ପଠାଯାଇଛି। ଦୁର୍ଘଟଣା ପରେ ଖଣ୍ଡପଡା ଓ କୋସକା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଭିଲେଜରକୁ ଜବତ କରିବା ସହ ଏ ନେଇ ଏକ ମାମଲା ରୁଜୁ କରିଥିବା ଖଣ୍ଡପଡା ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ସୂତ୍ରରୁ ଜଣାପଡିଛି। ନୟାଗଡ ଜିଲାପାଳ ଡ.ଏନ.ତିରୁମାଲା ନାୟକ ଓ ଏସପି ଶଶିଭୂଷଣ ମହାନ୍ତି ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏହି ଦୁର୍ଘଟଣାରେ ଗାଡି କଣ୍ଡକ୍ଟରଙ୍କ ସମେତ ଗାଡିରେ ଯାତ୍ରା କରୁଥିବା ଢୋଲମରା ଗ୍ରାମର ମନ୍ଦର ବେହେରା(୬୦), ଛାଟିଆ ସେଠୀ, ଦୁରା ପ୍ରଧାନ(୫୦), କୁମ୍ଭାରପଡା ଗ୍ରାମର ଆଶାକର୍ମୀ ପ୍ରତିମା ନାୟକ(୨୮), ନିଶା ବେହେରା(୪୫), ସିଙ୍ଗିବାଡିର ହୃଦାନନ୍ଦ ବେହେରା(୫୨), ଅଁଳାପଟା ଗ୍ରାମର କବିରାଜ ବେହେରା(୪୫), ସୁରେନ୍ଦ୍ର କୁମାର ପଲାଇ(୩୬), ପବିତ୍ର ନାୟକଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତିମା ଓ ମନ୍ଦର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟମାନଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଗାଡି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ଭିଲେଜର ଚାଳକଙ୍କ ବେପରୁଆ ଗାଡିଚାଳନା ଯୋଗୁ ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ବାସିନ୍ଦା ପୋଲିସକୁ ସୂଚନା ଦେଇଛନ୍ତି।


ଦୁର୍ଘଟଣାସ୍ଥଳରେ ଆହତମାନେ।

# ଦୁଇ ଗ୍ରାମରେ ଅଜଣା ଜନ୍ତୁ ଆତଙ୍କ ତିନିଦିନରେ ୭ ଗାଈ, ୨୨ ଛେଳି ମୃତ

ଦଶପଲ୍ଲା,୨୯।୧୦ (ଡି.ଏନ.ଏ.)

ଦଶପଲ୍ଲା ବନାଞ୍ଚଳ ବାଣିଗୋଛା ସେକ୍ସନ ଅଧୀନ କୁଜାମେଣ୍ଢି ପଞ୍ଚାୟତର ରୁପାଝରୀ ଓ କନ୍ଧମାଳ ଜିଲା ଚକାପାଦ ବ୍ଲକ ଅର୍ଚ୍ଚଙ୍ଗୀ ଗ୍ରାମରେ ଅଜଣା ଜନ୍ତୁ ଆତଙ୍କ ଦେଖାଦେଇଛି। ଗତ ୩ଦିନ ମଧ୍ୟରେ ଏଭଳି ଅଜଣା ଜନ୍ତୁ ଆକ୍ରମଣରେ ୭ ଗାଈ ଓ ୨୨ ଛେଳିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗତ ଶନିବାର ଏହି ଦୁଇ ଗ୍ରାମରେ ୭ ଗାଈ ଓ ୧୨ ଛେଳିଙ୍କ ମୃତ୍ୟୁ ଘଟିଥିଲା। ସେହିପରି ରବିବାର ୬ ଛେଳି ଓ ସୋମବାର ୪ ଛେଳିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। କିଏ ଓ କିଭଳି ଏହି ପ୍ରାଣୀଙ୍କୁ ମାରି ଖାଉଛି ତାହା ଜଣାପଡି ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଣିଗୋଛା ସେକ୍ସନର ବନପାଳ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଚକାପାଦ ବ୍ଲକ ଅର୍ଚ୍ଚଙ୍ଗୀ ଗାଁରେ ୩ଦିନ ତଳେ ମହାବଳ ବାଘ କିଛି ଗାଈ ଓ ଛେଳିଙ୍କୁ ମାରି ଖାଇଦେଇଛି। ରବିବାର ରୁପାଝରୀ ଗ୍ରାମର କିଛି ଲୋକ ଜଙ୍ଗଲକୁ ଛେଳି ଚରାଇ ଯାଇଥିବାବେଳେ ପେଣ୍ଡେରା ମାରି ଦେଇଥିବା ସେ କହିଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସ୍ପୋର୍ଟସ ହଷ୍ଟେଲ କଟକ ୪-୦ରେ ବିଜୟୀ

ନୟାଗଡ଼ ଅଫିସ,୨୯।୧୦

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ୫୯ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲୁରହିଛି। ସୋମବାର ପଞ୍ଚମ ଦିବସ ମ୍ୟାଚ ସ୍ପୋର୍ଟିଂ କ୍ଲବ ଟାଟା ଓ ସ୍ପୋର୍ଟସ ହଷ୍ଟେଲ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଦଳ ୪-୦ ଗୋଲ୍‌ରେ ଟାଟା ଦଳକୁ ପରାସ୍ତ କରି ବିଜୟୀ ହେବା ସହିତ ସେମିଫାଇନାଲକୁ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧର ୫ ମିନିଟରେ କଟକ ଦଳର ୧୦ ନମ୍ବର ଜର୍ସି ଫ୍ରାନସିସ୍ ଲାକ୍ରା ପ୍ରଥମ ଗୋଲ୍ ଓ ପୁନର୍ବାର ୨୪ ଓ ୪୦ ମିନିଟରେ ଦ୍ୱିତୀୟ ଓ ତୃତୀୟ ଗୋଲ୍ ସ୍କୋର କରିଥିଲେ। ପରେ ଦ୍ୱିତୀୟାର୍ଦ୍ଧର ୩ ମିନିଟରେ କଟକ ଦଳର ୧୯ ନମ୍ବର ଜର୍ସି ମନଜିତ କିଶାନ୍ ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଆଉ କୌଣସି ଗୋଲ୍ ସ୍କୋର ହୋଇ ନ ପାରିବାରୁ କଟକ ଦଳ ୪-୦ ଗୋଲରେ ବିଜୟ ହୋଇଥିଲା। ସାମାଜିକ କର୍ମୀ ତାପସ ରଞ୍ଜନ ପାତ୍ର ଓ ଜ୍ୟୋତିର୍ମୟ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ସୁଦୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ଅଶୋକ କଅଁର, ରାଜୁ ମହାନ୍ତି ଓ ପ୍ରିୟବ୍ରତ ବାହିନୀପତି ଲାଇନ୍ସମ୍ୟାନ ସହାୟତା କରିଥିଲେ। ମଙ୍ଗଳବାର ହାଲ ସୁନାବେଡ଼ା ଓ ଏକ୍ସି ଇଣ୍ଡିଆ ଲିମିଟେଡ଼ କୋରବା, ଛତିଶଗଡ଼ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ସଭାପତି ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।


ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ସରକାରୀ କଟକଣାକୁ ମାନିଲେନି କୃଷକ ସଂଗଠନ

# ୫ହଜାର ଚାଷୀଙ୍କ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା

ବାଲୁଗାଁ,୨୯।୧୦(ଡି.ଏନ.ଏ.)

ସରକାରଙ୍କ କଟକଣାକୁ ରାଜ୍ୟ ନବ ନିର୍ମାଣ କୃଷକ ସଂଗଠନ ଗ୍ରହଣ କରିନାହିଁ। ପୂର୍ବ ଡାକରା କ୍ରମେ ସୋମବାର ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲାରୁ ଚାଷୀମାନେ ଖୋର୍ଦ୍ଧା ଜିଲା ବାଲୁଗାଁ ରେଳ ଷ୍ଟେଶନରେ ଏକତ୍ରିତ ହୋଇ ଏଠାରୁ ଏକ ବିଶାଳ ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏହି ପଦଯାତ୍ରାରେ ସାମିଲ ହୋଇଥିବା ବେଳେ ଏମାନଙ୍କୁ ରୋକିବା ଦିଗରେ ପୋଲିସ ପ୍ରଶାସନ ବିଫଳ ହୋଇଛି। ୨୦ବର୍ଷ ବୟସରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୫୦୦୦ ଟଙ୍କା ଲେଖାଏ ସୁରକ୍ଷା ଭତ୍ତା ଏବଂ ଏଥିପାଇଁ ୩୬ଲକ୍ଷ ଚାଷୀ ପରିବାରଙ୍କୁ ୨୧୬୦୦କୋଟି ଟଙ୍କାର ଅନୁଦାନ ପ୍ରଦାନ, ଚାଷୀମାନଙ୍କୁ ସୁରକ୍ଷା ଓ ସମ୍ମାନ, ଫସଲ ବୀମା, ଆମଦାନୀ ଫସଲର ଉପଯୁକ୍ତ ମୂଲ୍ୟ ଆଦି କୃଷକ ସଂଗଠନର ଦାବି ରହିଛି ।

ପ୍ରକାଶ ଥାଉକି, ଚାଷୀଙ୍କର ରାଜପଥରେ ଏହି ପଦଯାତ୍ରାକୁ ସରକାର ଅନୁମତି ପ୍ରଦାନ କରି ନ ଥିଲେ । କିନ୍ତୁ ଏହି କଟକଣାକୁ ଭ୍ରୂକ୍ଷେପ ନ କରି ସୋମବାର ସକାଳେ ବାଲୁଗାଁ ଷ୍ଟେଶନ୍‌କୁ ବିଭିନ୍ନ ଜିଲାରୁ ହଜାର ହଜାର ଚାଷୀଙ୍କ ଆଗମନ ହୋଇଥିଲା । ସେମାନଙ୍କ ମଧ୍ୟରୁ ୩୨ଜଣ ଚାଷୀଙ୍କୁ ପୋଲିସ ବାଲୁଗାଁ ଥାନାକୁ ଆଣି ଅଟକ ରଖି ପରେ ଛାଡି ଦେଇଥିଲା। ପରବର୍ତ୍ତୀ ସମୟରେ ଷ୍ଟେଶନ ପରିସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରଙ୍କ କୃଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରାଯିବା ସହ ସରକାର ବିରୋଧୀ ସ୍ଲୋଗାନ ଦିଆଯାଇଥିଲା । ବାଲୁଗାଁ ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆଇଆଇସି ଶରତ ଚନ୍ଦ୍ର ପାତ୍ର, ଟାଙ୍ଗି, ବାଣପୁର, ଜଙ୍କିଆ ପୋଲିସ କର୍ମଚାରୀଙ୍କ ସମେତ ୧ପ୍ଲାଟୁନ୍ ଫୋର୍ସ ଓ ଆରପିଏଫ୍ ଉପସ୍ଥିତ ରହି କୃଷକଙ୍କୁ ଏହି ସମାବେଶରୁ ନିବୃତ୍ତ ରଖିବା ପାଇଁ ବିଫଳ ହୋଇଥିଲେ । ଏତେ ସଂଖ୍ୟକ କୃଷକଙ୍କୁ ସାମନା କରିବା ପୋଲିସ ପାଇଁ ସମ୍ଭବ ନ ଥିଲା । ଏହା ପରେ କୃଷକ ସଂଗଠନର ଏକ ବିଶାଳ ଶୋଭାଯାତ୍ରା ଭୁବନେଶ୍ୱର ଅଭିମୁଖେ ବାହାରିଥିଲା । ଅକ୍ଟୋବର ୨୯ତାରିଖରୁ ବାଲୁଗାଁରୁ ଏହି ପଦଯାତ୍ରା ଆରମ୍ଭ ହୋଇ ନଭେମ୍ବର ୫ ତାରିଖରେ ଭୁବନେଶ୍ୱର ଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟା ସୁଦ୍ଧା ୧୬ନଂ ଜାତୀୟ ରାଜପଥର ନାଚୁଣୀ ଠାରେ ପଦଯାତ୍ରା ପହଞ୍ଚିଛି । ସେଠାରେ ରାତ୍ରି ଯାପନ ପରେ ମଙ୍ଗଳବାର ସକାଳୁ ପୁଣି ପଦଯାତ୍ରା ଭୁବନେଶ୍ୱର ଅଭିମୁଖେ ବାହାରିବ । ତେବେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯେଉଁଠି ଅଟକାଇବା ପାଇଁ ପ୍ରଚେଷ୍ଟା କରାଯିବ ଏବଂ ସେଠାରେ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ନବ ନିର୍ମାଣ ସଂଗଠନର ନେତୃବୃନ୍ଦ ଚେତାବନୀ ଦେଇଛନ୍ତି ।



ପଦଯାତ୍ରାରେ ଚାଷୀ ଓ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ।

## ସଂକ୍ଷେପରେ

### ଭାଜପା ପକ୍ଷରୁ ଚକାପାଦ, ଟିକାବାଲି ବ୍ଲକ ଘେରାଉ



**ଶଙ୍କରାଖୋଲ,୨୯।୧୦(ଡି.ଏନ୍.ଏ.):** ଚକାପାଦ ଓ ଟିକାବାଲି ବ୍ଲକକୁ ସୋମବାର ଭାଜପା ପକ୍ଷରୁ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିଜ ଅଞ୍ଚଳର ସମସ୍ୟାକୁ ନେଇ ଚକାପାଦ ବଡିଓ ଅନୀଲ କୁମାର ପଟ୍ଟନାୟକ ଓ ଟିକାବାଲି ବିଡିଓ ଜସ୍ମିନ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଜେଡି ସରକାର ଦୀର୍ଘ ୧୯ ବର୍ଷ ଶାସନରେ ଦୁର୍ନୀତି, ଭ୍ରଷ୍ଟାଚାର, ତିତ୍‌ଲି କ୍ଷତିଗ୍ରସ୍ତଙ୍କ ଥଇଥାନରେ ବିଫଳ, ଓଡ଼ିଶାକୁ ଆୟୁଷ୍ମାନ ଯୋଜନାରେ ସାମିଲ ନ କରିବା ପ୍ରମୁଖ ପ୍ରତିବାଦରେ ଉଭୟ ବ୍ଲକରେ ଭାଜପା ସଭାପତି ସୁଧୀର ପ୍ରଧାନ ଓ ରାଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ହଜାର ହଜାର ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ କୁମାର ପାଣିଗ୍ରାହୀ, ସ୍ୱଚ୍ଛଭାରତ ସଂଯୋଜକ ଡ. ରବିନାରାୟଣ ନନ୍ଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବ ନାରାୟଣ ପ୍ରଧାନ, ସାଧାରଣ ସମ୍ପାଦକ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତାକଡ଼କୁ ଓଲଟିଲା ଅଟୋ, ୪ ଆହତ

**ଦିଗପହଣ୍ଡି,୨୯।୧୦(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର-କରପଡ଼ା ମୁଖ୍ୟରାସ୍ତାର ବଜାପଲ୍ଲୀ ଗାଁ ଛକ ନିକଟରେ ସୋମବାର ସକାଳେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୪ ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି । ସେମାନେ ହେଲେ ଏଲ. ମୁନା ରେଡ୍ଡୀ, ଅନିଶା ରେଡ୍ଡୀ, କାହ୍ନା ବାଡ଼ତ୍ୟା, ମୁନା ବାଡ଼ତ୍ୟା। ଆହତ ଛାତ୍ରୀଛାତ୍ରଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ବାସୁଦେବପୁର ଗ୍ରାମରୁ ଗୋକର୍ଣ୍ଣପୁର ସରସ୍ୱତୀ ଶିଶୁ ମନ୍ଦିରକୁ ଅଟୋ (ନଂ. ଓଡି୦୭ଆର୨୮୮୫)ରେ ଛାତ୍ରୀଛାତ୍ରମାନେ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା । ଅଟୋ ଚାଳକ ଫେରାର ଥିବା ଜଣାପଡ଼ିଛି । ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରି ତଦନ୍ତ ଚଳାଇଛି ।

### ଶେରଗଡ (ଖ) ବିଜୁ ଯୁବ ବାହିନୀର ସଭାପତି ମଣ୍ଟୁ

**ଶେରଗଡ,୨୯।୧୦(ଡି.ଏନ୍.ଏ.):** ଶେରଗଡ ଗ୍ରାମ ବିଜୁ ଯୁବ ବାହିନୀ (ଖ)ର ଏକ ବୈଠକ ସ୍ଥାନୀୟ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଗତି ସହାୟକ ଭଗବାନ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ସରୋଜ କୁମାର ଡାକୁଆଙ୍କ ସଂଯୋଜନା ଓ ସଂଯୋଜକ ଆଲୋକ କୁମାର ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଶେରଗଡ ବିଜୁ ଯୁବ ବାହିନୀ (ଖ)ର ସଭ୍ୟ ମାନଙ୍କୁ ନେଇ ସଭାପତି ଚୟନ କରାଯାଇଥିଲା। ସୁଦିପ ମହାପାତ୍ର (ମଣ୍ଟୁ)ଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ, କୋଷାଧକ୍ଷ ଭାବେ ବାସୁଦେବ ସ୍ୱାଇଁ, ସମ୍ପାଦକ ଭାବେ ନୀଳାଞ୍ଚଳ ଡାକୁଆଙ୍କୁ ବଛା ଯାଇଥିଲା।

### ବାତ୍ୟା, ବନ୍ୟା ବିପନ୍ନଙ୍କୁ କ୍ଷତିପୂରଣ ଦାବି



**ଗଞ୍ଜାମ,୨୯।୧୦(ଡି.ଏନ.ଏ.):** ତିତଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟା ଫଳରେ ଗଞ୍ଜାମ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । କ୍ଷତିଗ୍ରସ୍ତଙ୍କୁ ଏ ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳନି। ଏହା ପ୍ରତିବାଦରେ ଗଞ୍ଜାମ ବ୍ଲକ କମ୍ୟୁନିଷ୍ଟ ଦଳ ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ସାହେବ ପାଣିଗ୍ରାହୀଙ୍କୁ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଗଞ୍ଜାମ ଏନଏସି ପୂର୍ବତନ ନଗରପାଳ ବୃନ୍ଦାବନ ପଲାଇ, ରମ୍ଭା ଅଞ୍ଚଳର ତ୍ରିନାଥ ବେହେରା, ପୁର୍ଣ୍ଣଚନ୍ଦ୍ର ରଥ, ପୂର୍ବତନ ଜିଲା ପରିଷଦ ସଭ୍ୟ କୈଳାସ ଚନ୍ଦ୍ର ପଲାଇ, ବିଦ୍ୟାଧର ବିଶ୍ୱାଳ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ବୁରାଙ୍ଗିଆକୁ ଡଙ୍ଗା ଭରସା

**ଦାରିଙ୍ଗବାଡ଼ି,୨୯।୧୦(ଡି.ଏନ.ଏ)**



ବୁରାଙ୍ଗିଆବାସୀ ତାଙ୍କ ଜମିରୁ ଅମଳ ସାମଗ୍ରୀ ବିକ୍ରି ପାଇଁ ଡଙ୍ଗା ସାହାଯ୍ୟରେ ନେଉଛନ୍ତି।

- ପୋଲ ନିର୍ମାଣ ବିଳମ୍ବରୁ ଅସନ୍ତୋଷ
- ଗୁରୁତ୍ୱ ଦେଉନାହାନ୍ତି ଠିକାଦାର, ଯନ୍ତ୍ରୀ
- ଅସୁବିଧାରେ ପେଷି ହେଉଛନ୍ତି ଲୋକେ

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତ ବୁରାଙ୍ଗିଆକୁ ସଂଯୋଗ କରୁଥିବା ଖଡ଼ଗ ନଦୀରେ ଯାତାୟାତ ଲାଗି ଲୋକେ ଡଙ୍ଗା ଉପରେ ନିର୍ଭର କରୁଛନ୍ତି। ଉକ୍ତ ନଦୀରେ ଦୀର୍ଘ ଦିନ ହେଲା ପୋଲ ନିର୍ମାଣ ହେଉଥିଲେ ସୁଦ୍ଧା ତାହା ଶେଷ ହେବାରେ ନାଁ ଧରୁନି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଏହାର ମୁଖ୍ୟ କାରଣ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ଠିକା କମ୍ପାନୀ ଏବଂ ବିଭାଗୀୟ ଯନ୍ତ୍ରୀ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଗ୍ରାମର ବୃନ୍ଦାବନ ସାହୁ ଓ ମହାଦେବ ପ୍ରଧାନ ପ୍ରମୁଖ ଅଭିଯୋଗ କରଛନ୍ତି। ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ କରାଯାଉଥିବା ସ୍ଥାନକୁ ଆସୁ ନ ଥିବାରୁ ଠିକା କମ୍ପାନୀ ବିଳମ୍ବ କରୁଥିବା ଗ୍ରାମର ଅଶୋକ ପ୍ରଧାନ କହିଛନ୍ତି। ଏ ନେଇ ଜିଲା ପ୍ରଶାସନ ଦୃଷ୍ଟି ଦେଉ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ତାରରେ ଯାତାୟାତ କରିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଦାରିଙ୍ଗବାଡ଼ି ବିଡିଓ ଡଙ୍ଗା ଯୋଗାଇ ଦେଇଛନ୍ତି। ବୁରାଙ୍ଗିଆ ସମେତ ଡାବରବାନ୍ଧା, ମୁଣ୍ଡାସାହି, ବୁଦେଲପଡ଼ି, ଝାରମୁଣ୍ଡା, କୁକେରମାହା, ଲେଙ୍ଗେରସୁଗା ଓ ପାଟିନାଜୁର ପ୍ରାୟ ୭ଶହ ପରିବାର ଏହି ପୋଲ ଉପରେ ଯାତାୟାତ ଲାଗି ନିର୍ଭର କରୁଛନ୍ତି। ପ୍ରାଶାସନ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ଲୋକେ ସମସ୍ୟାରେ ପେଶି ହେଉଛନ୍ତି।

ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିଜୟ ରାଉତଙ୍କୁ ପୋଲ ନିର୍ମାଣ ବିଳମ୍ବ କାରଣ ପଚାରିବାରୁ ଡିସେମ୍ବର ପର୍ଯ୍ୟନ୍ତ ଠିକାଦାରଙ୍କୁ ସମୟ ଦିଆଯାଇଛି। ଏ ସମ୍ପର୍କରେ କୌଣସି ଗଣମାଧ୍ୟମକୁ ମତାମତ ଦେବାକୁ ଜିଲା ପ୍ରଶାସନ ମନା କରିଥିବା ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏନେଇ ଜିଲାପାଳ ଡ. ବୃନ୍ଦା ଡିଙ୍କ ସହ ଯୋଗାଯୋଗ କରାଯିବାରୁ ବିଭାଗର କେତେକ ଯନ୍ତ୍ରୀ ଠିକ ଢ଼ଙ୍ଗରେ ଉତ୍ତର ନ ରଖିଜିଲା ପ୍ରଶାସନକୁ ଅଧିକାଂଶ ସମୟରେ ଉତ୍ତରଦାୟୀ କରୁଛନ୍ତି। ଏଣୁ ଉତ୍ତର ରଖିବା ପାଇଁ କେବଳ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିବା ସେ ସ୍ୱୀକାର କରିଛନ୍ତି।

ସ୍ଥାନୀୟ ବିଡିଓ ତ୍ରିଲୋଚନ ପାତ୍ର କହିଛନ୍ତି, ଉକ୍ତ ପୋଲ କାର୍ଯ୍ୟ ତୁରନ୍ତ ଶେଷ କରିବା ଆବଶ୍ୟକ। ବୁରାଙ୍ଗିଆବାସୀଙ୍କ ସୁରକ୍ଷିତ ଯାତାୟାତ ଏବଂ ତାଙ୍କ ବିକାଶ ପାଇଁ ପୋଲ ନିର୍ମାଣ ଶୀଘ୍ର କରାଯିବା ଆବଶ୍ୟକ।

# ଦୁର୍ନୀତି ବିରୋଧରେ ଭାଜପାର ବ୍ଲକ ଘେରାଉ

**ରାଇକିଆ,୨୯।୧୦(ଡି.ଏନ.ଏ)**

ରାଇକିଆ ବ୍ଲକ ଭାଜପା ତରଫରୁ ସୋମବାର ଦୁର୍ନୀତି ବିରୋଧରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶତାଧିକ ଭାଜପା କର୍ମୀ ରାଲିରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଭିନ୍ନ ଯୋଜନାର କାର୍ଯ୍ୟରେ ହେଉଥିବା ବ୍ୟାପକ ପିସି କାରବାର ବନ୍ଦ କରିବା ପାଇଁ ସେମାନେ ଦାବି କରିଥିଲେ। ତିତ୍‌ଲି ବାତ୍ୟାରେ ବ୍ଲକର ସବୁଠାରୁ ଦୁର୍ଗମ ଘାଟିତଳ ଅଞ୍ଚଳ କରଡ଼ା, ରଣବା, ଇନ୍ଦ୍ରଗଡ଼, ମଣ୍ଡାକିଆ, ପେଟାପାଙ୍ଗା, ସୁଗଡ଼ବାଡ଼ିରେ ବହୁ ଘରଦ୍ୱାର ଭାଙ୍ଗି ଥିବାବେଳେ ଚାଷ ନଷ୍ଟ ହୋଇଛି। ହେଲେ ଏ ପର୍ଯ୍ୟନ୍ତ ଠିକ ଭାବେ କ୍ଷତି ଆକଳନ କରାଯାଇପାରିନାହିଁ। ବହୁ ସଂଖ୍ୟାରେ ଗୃହ ପାଳିତ ପଶୁ, ପକ୍ଷୀଙ୍କ ମୃତ୍ୟୁ ଘଟିଛି। ଏସବୁ ଅଞ୍ଚଳରେ ମୋବାଇଲ ଟାୱାର ସୁବିଧା କରାଇବା, ରାଇକିଆ ଓ ବେରେଡ଼ାକିଆ ପଞ୍ଚାୟତର ବିଭିନ୍ନ ୱାର୍ଡକୁ ପାନୀୟ ଜଳ ସୁବିଧା କରିବା ଆଦି ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ବିଡ଼ିଓ ରଶ୍ମି ରଞ୍ଜନ ମହନ୍ତଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଭାଜପା ସାଧାରଣ ସମ୍ପାଦକ ତପନ ପାତ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ମଣ୍ଡଳ ସଭାପତି ଗାୟକ ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟା ଝୁଲିମା ଦଳ ବେହେରା, ମଣ୍ଡାକିଆ ସରପଞ୍ଚ ସୁଷମା ପ୍ରଧାନ, ତାପସ ଦଳ ବେହେରା, ସଞ୍ଜୀବ ବେହେରା, ଡିଲୁ ମହାନ୍ତି, ଗଦାଧର ସାହୁ ଏବଂ କର୍ମୀ ମାନେ ସାମିଲ ହୋଇଥିଲେ।




ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଗାଜଲବାଡ଼ି ଘାଟିରେ ଭୂସ୍ଖଳନ ଘଟଣା

# ଗାଡ଼ି ଚଳାଚଳ ସ୍ୱାଭାବିକ: ବଢୁଛି ଟ୍ରାଫିକ ସମସ୍ୟା



୫୯ନଂ. ଜାତୀୟ ରାଜପଥର ଗାଜଲବାଡ଼ି ଘାଟିରେ ଗାଡ଼ିଗୁଡ଼ିକ ଅଟକି ରହିଛି।

**ଦାରିଙ୍ଗବାଡ଼ି,୨୯।୧୦(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିକୁ ସଂଯୋଗ କରୁଥିବା ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ଗାଜଲବାଡ଼ି ଘାଟିରେ ତିତ୍‌ଲି ପ୍ରଭାବରେ ଭୁସ୍ଖଳନ ଯୋଗୁ ପାହାଡ଼ ଧସି ରାସ୍ତା ଅବରୋଧ ହୋଇଥିଲା। ୧୬ ଦିନ ପରେ ରାଜପଥ ସ୍ୱାଭାବିକ ହେବା ସହ ଭାରିଯାନ ଓ ଯାତ୍ରୀବାହି ବସ୍ ଚଳାଚଳ କରିଛି। ଏବେବି ରାଜପଥକୁ ମରାମତି କରାଯାଉଛି ଏହି ପ୍ରକ୍ରିୟା ଆହୁରି ଏକ ସପ୍ତାହ ଲାଗିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଉକ୍ତ ରାସ୍ତାର ଏକାଧିକ ସ୍ଥାନରେ କଲଭର୍ଟ ସହ ପୋଲ ନିର୍ମାଣ କରାଯିବ। ଏଥିଯୋଗୁ ସମୟ ଲାଗିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରାସ୍ତା କଡ଼ରେ ଅନେକ ସ୍ଥାନରେ ମାଟି ଧୋଇ ନଷ୍ଟ ହୋଇଯାଇଥିବା ବେଳେ ତାହା ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି ବୋଲି କୁହାଯାଇଛି। ଏବେ ଦାରିଙ୍ଗବାଡ଼ି ଅଞ୍ଚଳକୁ ପର୍ଯ୍ୟଟକ ମାନେ ଦୈନିକ ଶହଶହ ଗାଡ଼ି ନେଇ ଯାତାୟାତ କରୁଛନ୍ତି। ସେହିପରି ଅଞ୍ଚଳରୁ ଦୈନିକ ପନିପରିବା ରାଜ୍ୟର ବିଭିନ୍ନ ଜିଲାକୁ ଘାଟିରାସ୍ତା ଦେଇ ଯାଉ ଥିବାରୁ ରାଜପଥରେ ଟ୍ରାଫିକ୍ ସମସ୍ୟା ଦେଖାଯାଇଛି। ରାଜପଥ ମରାମତିରୁ ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣିତ ହୋଇଛି। ରାସ୍ତା ମରାମତି କାର୍ଯ୍ୟ ଚାଲୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଯାଉଛି। ସପ୍ତାହକ ମଧ୍ୟରେ ଏହି ସମସ୍ୟା ଆଉ ରହିବ ନାହିଁ ବୋଲି ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ କହିଛନ୍ତି।

### ସ୍ୱାସ୍ଥ୍ୟ, ପରିବେଶକୁ ନେଇ ଜନ ସଚେତନତା

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୯।୧୦(ଡି.ଏନ.ଏ.)**

ଅନେକ ସମୟରେ ଦୁର୍ଗମ ଅଞ୍ଚଳରେ ଜନସଚେତନ ଅଭାବ ହେଉକିଗମନାଗମନ ଅସୁବିଧା ସହ ଶିକ୍ଷା ଅଭାବରୁ ଲୋକେ ଚିକିତ୍ସା ସେବା ପରିବର୍ତ୍ତେ ଗୁଣିଗାରେଡ଼ି ଉପରେ ନିର୍ଭର କରୁଛନ୍ତି। ସ୍ୱାସ୍ଥ୍ୟସେବା ଅପହଞ୍ଚ ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି। ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ଅନେକ ଥର ରକ୍ତ ନମୁନା ପରୀକ୍ଷା କରିବାକୁ ଅସୁବିଧା ହେଉ କି ସଚେତନ ଅଭାବ ଦ୍ୱାରା ରୋଗୀ ମୃତ୍ୟୁ ମୁଖରେ ପଡୁଥିବା ଦୃଷ୍ଟାନ୍ତ ରହିଛି। ପୂର୍ବରୁ ଗାଁ ଗାଁରେ ଆୟୁର୍ବେଦିକ ଚେରମୁଳିରୁ ରୋଗୀ ଭଲ ହେଉଥିଲେ। କିନ୍ତୁ ଏବେ ଆଉ ସେ ସମସ୍ୟା ନାହିଁ। ସ୍ୱାସ୍ଥ୍ୟସେବା ଗାଁ ଗାଁରେ ତୃଣ ମୂଳସ୍ତରରେ ଆଶାକର୍ମୀଙ୍କଠାରୁ ଆରମ୍ଭ କରି ଅଙ୍ଗନୱାଡ଼ି କେନ୍ଦ୍ର ସହ ପ୍ରତି ପଞ୍ଚାୟତରେ ଥିବା ଏଏନ୍‌ଏମ୍ ସେଣ୍ଟରଗୁଡ଼ିକରେ ଲୋକ ଏହି ସେବା ପାଇ ପାରୁଛନ୍ତି। ତଥାପି ଆହୁରି ବ୍ୟାପକ ଜନସଚେତନ କରିବା ପାଇଁ ପଶ୍ଚିମବଙ୍ଗରୁ ୩୫ ଜଣିଆ ଟିମ୍ ଦାରିଙ୍ଗବାଡ଼ି ବ୍ଲକ ଝିଞ୍ଜିରିଗୁଡ଼ାରେ ରବିବାର ପହଞ୍ଚି ଲୋକଙ୍କୁ ସଚେତନ କରିଥିଲେ। ଡାକ୍ତର ଅଭିମନ୍ୟୁ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧନନ୍ତରୀ ସଭାପତିନରେନ୍ଦ୍ର ମାଝିଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ଝିଞ୍ଜିରିଗୁଡ଼ା ସରପଞ୍ଚ ମାର୍କ ପାଟମାଝି, କୁମ୍ଭାରୀଗାଁ ସରପଞ୍ଚ ସୁନାରସିଂ ମାଝି, ସୁରେଶ ମିଶ୍ର, ପ୍ରମୁଖ ଯୋଗଦେଇ ଜନସଚେତନତା କରାଇଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**କ.ନୂଆଗାଁ, ୨୯।୧୦**

କ.ନୂଆଗାଁ ବ୍ଲକ ସଭାଗୃହରେ ଜିଲାପାଳ ଡ.ବୃନ୍ଦା ଡି ଅଭିଯୋଗ ଶୁଣାଣି କରି ଅଞ୍ଚଳର ବହୁ ସମସ୍ୟାର ସମାଧାନ ଲାଗି ତୁରନ୍ତ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକର ୧୪ଟି ପଞ୍ଚାୟତରୁ ୧୩୩ଟି ଅଭିଯୋଗ ଆସିଥିଲା। ସେଥିରୁ ୧୧୫ଟି ବ୍ୟକ୍ତିଗତ ଥିବା ବେଳେ ୧୮ଟି ଦଳଗତ ଥିଲା। ଏହି ଅଭିଯୋଗଗୁଡ଼ିକ ଭତ୍ତା, ବାସଗୃହ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ନିର୍ମାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ଆସିଥିଲା। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବର୍ଷ ବର୍ଷ ଧରି କାମ ସରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ପ୍ରାପ୍ୟ ମିଳିନଥିବାରୁ ଜିଲାପାଳ ନିକଟରେ ଅଭିଯୋଗ କରିଥିଲେ। ବ୍ଲକରେ ତିତ୍‌ଲି ବାତ୍ୟାରେ କ୍ଷୟକ୍ଷତି ହେଉଥିବା ରାସ୍ତା ଉପରେ ଆସିଥିବା ଅଭିଯୋଗରେ କାର୍ଯ୍ୟ ଶୀଘ୍ର କରିବାକୁ ବିଭାଗୀୟ ଅଧିକାରୀଙ୍କ ପଦକ୍ଷେପକୁ ଜିଲାପାଳ କହିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ୨ଜଣ ଦିବ୍ୟାଙ୍ଗଙ୍କୁ ୬୫୦୦ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ଶୁଣାଣିରେ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ଏସ୍‌ପି ପ୍ରତୀକ ସିଂ, ବାଲିଗୁଡ଼ା ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉଶାହା, ବିଡିଓ ମନୋଜ କୁମାର ତ୍ରିପାଠୀ, ଭାରପ୍ରାପ୍ତ ତହସିଲଦାର ଅନୀତା ସାହୁ ବ୍ଲକ ଅଧକ୍ଷ ଚକ୍ରମଣି କହଁର ସହକାରୀ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀଙ୍କ ସମେତ ଜିଲା ଓ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

# ବିଜେଡି ନଗର ଶାଖା ପକ୍ଷରୁ ପଥପ୍ରାନ୍ତ ସଭା, ପଦଯାତ୍ରା

**ଜି.ଉଦୟଗିରି,୨୯।୧୦(ଡି.ଏନ.ଏ.)**

ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଥିବା ବିଜୁ ଜନତା ଦଳର ଜି.ଉଦୟଗିରି ନଗର ଶାଖା ପକ୍ଷରୁ ସୋମବାର ଜି.ଉଦୟଗିରି ସହରରେ ପଦଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ନଗର ବିଜେଡିର ସଭାପତି କ୍ରିଷ୍ଣା କୁମାର ପଣ୍ଡା ଓ ଏନ୍‌ଏସି ଅଧକ୍ଷ ପି. ସଞ୍ଜୀବ କୁମାର ପାତ୍ରଙ୍କ ନେତୃତ୍ୱରେ ଜନ ସମ୍ପର୍କ ପଦଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ଜିଲା ବିଜେଡି ସଭାପତି ସରୋଜ କୁମାର କର୍ଣ୍ଣ, ଜିଲା ପର୍ଯ୍ୟବେକ୍ଷକ ବିକ୍ରମ ପଣ୍ଡା, ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ଜିଲା ସମ୍ପାଦକ କାଳୁ ଚରଣ ପଣ୍ଡା ପ୍ରମୁଖ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ କେନ୍ଦ୍ର ସରକାରଙ୍କ ରାଜ୍ୟ ପ୍ରତି ଅବହେଳା ସମ୍ପର୍କରେ କହିଥିଲେ। କାଉନସିଲର ଅଶ୍ୱିନୀ ନାୟକ, ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ଦାଶ ପ୍ରମୁଖ ପଥପ୍ରାନ୍ତ ସଭାରେ ରାଜ୍ୟ ସରକାରଙ୍କ ସଫଳତା ଉପରେ କହିଥିଲେ। ବିଜେଡି ବ୍ଲକ ସଭାପତି ସୀମାଞ୍ଚଳ ନାୟକ, ବିଜେଡି ନେତା କିଶୋର ଚନ୍ଦ୍ର ନାୟକ, ହୃଦାନନ୍ଦ କହଁରଙ୍କ ସମେତ ବ୍ଲକ ଓ ବିଭିନ୍ନ ପଞ୍ଚାୟତର ଦଳର ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶଙ୍ଖ ସାହି, ମାହାଗୁଡ଼ା ସାହି, କଚେରୀ ସାହି, ବଡ଼ ସାହି ପରିକ୍ରମା କରିବା ପରେ ଗାନ୍ଧୀ ଛକ ଓ ଚକରା ବିଷୋୟୀ ଛକଠାରେ ପଥପ୍ରାନ୍ତ ସଭା କରିଥିଲେ।




ନଗର ବିଜେଡି ତରଫରୁ ଜନ ସମ୍ପର୍କ ପଦଯାତ୍ରା।

# ବ୍ରାହ୍ମଣୀଗାଁରେ ବ୍ଲକ ସ୍ଥାପନ ଦାବି ଜୋର ଧରିଲା

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୯।୧୦(ଡି.ଏନ.ଏ.)**

## ବସିଲା ବୈଠକ, ଗଠନ ହେଲା କମିଟି



ବୈଠକରେ ଉପସ୍ଥିତ ଅଞ୍ଚଳବାସୀ।

ଦାରିଙ୍ଗବାଡ଼ି ବ୍ଲକ ୮ ଦୁର୍ଗମ ପଞ୍ଚାୟତକୁ ନେଇ ବ୍ରାହ୍ମଣୀଗାଁରେ ନୂତନ ବ୍ଲକ ସ୍ଥାପନ କରାଯିବାକୁ ଦାବି ଜୋର ଧରିଛି। ବ୍ରାହ୍ମଣୀଗାଁରେ ଏନେଇ ବାରମ୍ବାର ବୈଠକ ବସିବା ସହ ୮ ପଞ୍ଚାୟତର ଜନସାଧାରଣ ଏବଂ ଲୋକ ପ୍ରତିନିଧି ଏକାଠି ଆଲୋଚନା କରିଛନ୍ତି। ସୋମବାର ବ୍ରାହ୍ମଣୀଗାଁ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ନୂତନ ବ୍ଲକ ଗଠନ ଅଭିଯାନ କମିଟି ବୈଠକ ଆବାହକ ବିକ୍ରମ ବସ୍ତରାୟଙ୍କ ଅଧକ୍ଷତାରେ ହୋଇଯାଇଛି। ଏହି ଅବସରରେ ଏହି ଦାବିକୁ ଜୋରଦାର କରିବାକୁ ଆଲୋଚନା କରାଯିବା ସହ ଏହାକୁ ପରିଚାଳନା କରିବାକୁ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ କମିଟି ସଭାପତି ବସ୍ତରାୟ, ଉପସଭାପତି ଗଦାପୁର ସରପଞ୍ଚ ଆରତୀ ମଲ୍ଲିକ, ସମ୍ପାଦକ ଯୁଗେଶ୍ୱର ପାତ୍ର, ସହ ସମ୍ପାଦକ ଦିବ୍ୟସିଂହ ପାତ୍ର ଏବଂ କୋଷାଧକ୍ଷ ଭାବେ ସୁନାରସିଂ ମାଝିଙ୍କୁ ଚୟନ କରାଯାଇଥିଲା। ସେହିପରି ଆଇନ ପରାମର୍ଶଦାତା ଭାବେ ଓକିଲ ଦିବ୍ୟ ପରିଚ୍ଛା ଏବଂ ପରାମର୍ଶଦାତା ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଆରନ ନାୟକ, ରାମଚନ୍ଦ୍ର ପାତ୍ର ଏବଂ କିଶୋର ବଳିଆର ସିଂଙ୍କୁ ଚୟନ କରାଯାଇଛି।

ପ୍ରକାଶଯେ, ଉକ୍ତ ବ୍ଲକରେ ୨୫ ପଞ୍ଚାୟତ ରହିଛି। ସେଥିରୁ ବ୍ରାହ୍ମଣୀଗାଁ ସମେତ କାଟିଙ୍ଗିଆ, କୁମ୍ଭାରୀଗାଁ, ଝିଞ୍ଜିରିଗୁଡ଼ା, ଗଦାପୁର, ସରାମୂଳି, ହାତୀମୁଣ୍ଡା ଓ ତାଜୁଙ୍ଗିଆ ପଞ୍ଚାୟତ ଦୁର୍ଗମ ଅଞ୍ଚଳରେ ରହିଛି। ବ୍ରାହ୍ମଣୀଗାଁରେ ନୂତନ ବ୍ଲକ ଗଠନ କରାଯିବାକୁ ଦିର୍ଘଦିନ ହେଲା ଦାବି ଉଠୁଥିବା ଏବଂ ସରକାର ଏଣିକି ଏହାକୁ ଘୋଷଣା କରିବାକୁ ଅବହେଳା କଲେ ଆଗାମି ଦିନରେ କମିଟି ରାଜରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ବସ୍ତରାୟ କହିଛନ୍ତି ।